# ଶ୍ରୀଶ୍ରୀ ଶନିଦେବ ମହାଗ୍ରହ ପୀଠରେ ବାର୍ଷିକ ଉତ୍ସବ



**ବାରିପଦା, ୧୮ ।୫(ସମିସ):** ମୟୂରଭଞ୍ଜ ଜିଲ୍ଲାର ସର୍ବପୁରାତନ ତଥା ପ୍ରଥମ ଶନି ମନ୍ଦିର ବାରିପଦାର ୱାଲିଗଞ୍ଜ ସ୍ଥିତ ଶ୍ରୀ ଶ୍ରୀ ଶନିଦେବ ମହାଗ୍ରହ ପୀଠର ୪୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତି ବର୍ଷ ବୈଶାଖ ମାସରେ ମହାଗ୍ରହ ପୀଠରେ ଶନିଦେବଙ୍କ ବାର୍ଷିକ ଉତ୍ସବ ପାଳିତ ହୋଇଥାଏ। ଗତ ଚାରି ପାଳି ଧରି ବ୍ରତଧାରୀଙ୍କ ଦ୍ୱାରା ପୂଜାର୍ଚ୍ଚନା ହେଉଥିବା ବେଳେ ଆଜି ଶେଷ ଚତୁର୍ଥ ପାଳିରେ ପୂର୍ଣ୍ଣାହୁତି ହୋଇଛି। ଶନିଦେବଙ୍କ ଦର୍ଶନ ପାଇଁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ମୟୂରଭଞ୍ଜ ଜିଲ୍ଲାର ସମେତ ଆଖପାଖ ଜିଲ୍ଲା, ଝାରଖଣ୍ଡ, ପଶ୍ଚିମବଙ୍ଗ ରାଜ୍ୟରୁ ହଜାର ହଜାର ଭକ୍ତ ଦର୍ଶନ କରିଥିଲେ। ଶନି ଦେବଙ୍କ ସ୍ୱପ୍ନାଦେଶ ଅନୁସାରେ କିଛି ବ୍ୟକ୍ତିଙ୍କ ମିଳିତ ସହଯୋଗରେ ୧୯୮୨ ମସିହାରେ ଏହି ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ବୈଶାଖ ମାସର ଶେଷ ଶନିବାରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୁଏ। ସକାଳୁ ମଙ୍ଗଳ ଆରତୀ, ପୂଜାର୍ଚ୍ଚନା ହେବା ପରେ ସମସ୍ତଙ୍କ ମଙ୍ଗଳ କାମନା ପାଇଁ ହୋମ ହୋଇଥିଲା। ଉଦଯାପନୀ ଉତ୍ସବ ଦିନ ପରମ୍ପରା ଅନୁଯାଇ ନୂତନ ବସ୍ତ୍ର ପରିଧାନ କରି ପବିତ୍ର ଯୋଡ଼ାଆମ୍ବ ଗଛ ମୂଳରେ ପାଣି ଢାଳି ଭକ୍ତମାନେ ନିଜ ବ୍ରତ ଭଙ୍ଗ କରିଛନ୍ତି। ମନ୍ଦିର ପରିସରରେ ପ୍ରସାଦ ବଣ୍ଟନ କରାଯାଇଥିଲା। ବିଜେଡିର ସାଂସଦ ପ୍ରାର୍ଥୀ ସୁଦାମ ମାର୍ଣ୍ଡି ଓ ବାରିପଦା ବିଧାୟକ ପ୍ରାର୍ଥୀ ସାନନ୍ଦ ମାର୍ଣ୍ଡି ମଧ୍ୟ ଉପସ୍ଥିତ ରହି ଶନିଦେବଙ୍କୁ ଦର୍ଶନ କରିଥିଲେ।

# ମଠ, ମନ୍ଦିରରୁ କଢ଼ାଗଲା ଧାର୍ମିକ ପତାକା

**ପ୍ରଶାସନର ଅଜବ ନୀତି**

**କରଞ୍ଜିଆ, ୧୮।୫(ସମିସ):** କରଞ୍ଜିଆରେ ଚଳିତ ନିର୍ବାଚନକୁ ଅବାଧ, ମୁକ୍ତ, ନିରପେକ୍ଷ କରିବା ନିମନ୍ତେ ପ୍ରଶାସନ ତରଫରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଆଚରଣବିଧି ଅନୁସାରେ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶରେ ସରକାରୀ ସ୍ଥାନ, ସରକାରୀ ଗୃହ, ସର୍ବସାଧାରଣ ଅନୁଷ୍ଠାନରେ ଦଳୀୟ ପତାକା, ବ୍ୟାନର, ହୋର୍ଡିଂ ଲଗାଇବା ଉପରେ କଟକଣା କରାଯାଇଛି। ତେଣୁ ସହରର ବିଭିନ୍ନ ସ୍ଥାନରେ ଥିବା ଏସବୁକୁ ହଟାଯାଇଥିଲା। ପୁଣି ଥରେ ବିଭିନ୍ନ ଦଳର ଚିହ୍ନ ଥିବା ପତାକା, ବ୍ୟାନର ହୋର୍ଡିଂ, ଫଟୋ, ପୋଷ୍ଟର ସବୁ ସରକାରୀ ସ୍ଥାନରେ ଥିବା ନେଇ ହଟାଇ ଦିଆଯାଇଥିଲା। ଏପରିକି ବିଭିନ୍ନ ମନ୍ଦିରରେ ଉତ୍ସବ ପାଇଁ ଲଗାଯାଇଥିବା ଧାର୍ମିକ ପତାକାକୁ ମଧ୍ୟ ଶୁକ୍ରବାର ରାତିରେ ପ୍ରଶାସନ ପକ୍ଷରୁ କାଢି ଦିଆଯାଇଛି। ଫଳରେ ଏ ନେଇ ଭକ୍ତ ଏବଂ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏଭଳି କାର୍ଯ୍ୟକୁ ନିନ୍ଦା କରାଯିବ ସହିତ କିଛି ଯୁବକ ଆଜି ନିର୍ବାଚନ ଅଧିକାରୀଙ୍କୁ ବିଭିନ୍ନ ପ୍ରଶ୍ନ କରିଥିଲେ।

## ରଘୁନାଥପୁରରେ ଯୁବ ଓ ଛାତ୍ର ବିଜୟ ସଂକଳ୍ପ ସମାବେଶ

# ବିଜେଡିରେ ଯୋଗଦେଲେ ୧୦୦ରୁ ଊର୍ଦ୍ଧ୍ୱ ବିଜେପି କର୍ମୀ





**ବାରିପଦା, ୧୮ ।୫(ସମିସ)**

ବାରିପଦାରେ ବିଜେଡି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରି ଲୋକଙ୍କ ନିକଟତର ହେବାରେ ଲାଗିଛି; ଯାହାକି ପ୍ରଚାର ମଇଦାନରେ ଅନ୍ୟ ଦଳକୁ ପଛରେ ପକାଇଛି। ଏହି କ୍ରମରେ ଯୁବ ଓ ଛାତ୍ରଙ୍କ ଭୋଟ ହାତେଇବା ନିମନ୍ତେ ଶବିନାର ବିଜେଡି ପକ୍ଷରୁ ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଥିଲା। ରଘୁନାଥପୁର ସ୍ଥିତ ଗଣେଶ ମଣ୍ଡପରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ଆୟୋଜିତ ସମାବେଶରେ ହଜାର ହଜାର ସଂଖ୍ୟକ ଯୁବ ଓ ଛାତ୍ର ଯୋଗ ଦେଇଥିଲେ। ବିଜେଡିର ଲୋକସଭା ସାଂସଦ ପ୍ରାର୍ଥୀ ସୁଦାମ ମାର୍ଣ୍ଡି ଓ ବାରିପଦା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ସାନନ୍ଦ ମାର୍ଣ୍ଡି ଯୋଗଦେଇ ଯୁବ ଓ ଛାତ୍ର କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ସେମାନଙ୍କ ଯୁବାବସ୍ଥାର ରାଜନୈତିକ ସ୍ମୃତିଗୁଡ଼ିକ ବଖାଣିଥିଲେ। ଯୁବକ ଅବସ୍ଥାରେ ରାଜନୀତିରେ ପାଦ ଥାପି ଆଜି



ଜନସାଧାରଣଙ୍କ ସେବା କରିବାର ସୁଯୋଗ ହାସଲ କରିଛନ୍ତି ଉଭୟ କହିଥିଲେ। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ବିକାଶଧାରାର ସିପାହି ହୋଇ ବିଜେଡିକୁ ବିଜୟ କରିବା ପାଇଁ ସମସ୍ତଙ୍କୁ ଆଗେଇ ଆସିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଜେପି ନେତା ଧନଞ୍ଜୟ ମହାନ୍ତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ତାଙ୍କର ୧୦୦ରୁ ଅଧିକ ସମର୍ଥକ ବିଜେଡିରେ ସାମିଲ ହୋଇଥିଲେ। ଉଭୟ ପ୍ରାର୍ଥୀ ସମସ୍ତ ନୂତନ କର୍ମୀଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସମାବେଶରେ କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି, ବାରିପଦା ନିର୍ବାଚନ ମଣ୍ଡଳୀ ସଂଯୋଜକ ପ୍ରଭାତ ନାୟକ, ବାରିପଦା ବ୍ଲକ ସଂଯୋଜକ ସରୋଜ ବୋଷ, ଜିଲ୍ଲା ପରିଷଦ ସଦସ୍ୟ ନରେନ୍ଦ୍ର ହାଁସଦା, ବିଜୁ ଛାତ୍ର ଜନତା ଦଳର ଜୋନାଲ ସଭାପତି ଅବଦୁଲ ହବିବ, ବିଜୁ ଛାତ୍ର ଜନତା ଦଳର ଜିଲ୍ଲା ସଭାପତି ସୁନୀଲ କୁମାର ନାୟକ, ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ଅରୁଣ ବରାଡ଼, ବାରିପଦା ବ୍ଲକ ସଭାପତି ଦିଲ୍ଲୀପ ପାତ୍ର, ମହିଳା ସଭାପତି ବାରିପଦା ବ୍ଲକ ଶ୍ରାବଣୀ ଦାସ, ସୁନିତା ବେହେରା, ବାରିପଦା ନିର୍ବାଚନ ମଣ୍ଡଳୀ ମିଡ଼ିଆ ସଂଯୋଜକ ସୁକୁମାର ରଞ୍ଜନ ପ୍ରଧାନ, ରାଜ୍ୟ ସମ୍ପାଦକ ଆଶୀର୍ବାଦ ଦାସ ଓ ରାଜୀବ ଜେନା ପ୍ରମୁଖ ସମେତ ଯୁବ, ଛାତ୍ର ନେତା ଓ ଗ୍ରାମ ପଞ୍ଚାୟତସ୍ତରୀୟ ସଭାପତି, କର୍ମକର୍ତ୍ତା ଏବଂ ବହୁ ଦଳୀୟ ନେତା ମଧ୍ୟ ଉପସ୍ଥିତ ଥିଲେ।

## ବିଜେଡିକୁ ଆଦିବାସୀ ସାଂସ୍କୃତିକ ଏବଂ ଅଧିକାର ସଂଗଠନ ଯୁମିଦ୍ ଖେରୱାଲର ସମର୍ଥନ

# ବିଜେଡିରେ ମିଶିଲେ ପୂର୍ବତନ ବିଧାୟକ ବିରାମ ମୁର୍ମୁ



**ବାରିପଦା, ୧୮।୫(ସମିସ):** ମୟୂରଭଞ୍ଜର ଅଗ୍ରଣୀ ଆଦିବାସୀ ସାଂସ୍କୃତିକ ଏବଂ ଆଦିବାସୀ ଅଧିକାର ସଂଗଠନ ଯୁମିଦ୍ ଖେରୱାଲ ବିଜୁ ଜନତା ଦଳକୁ ସମର୍ଥନ ଜଣାଇଛି। ଶନିବାର ବିଜେଡି ବାରିପଦା କାର୍ଯ୍ୟାଳୟରେ ମୟୂରଭଞ୍ଜର ଲୋକସଭା ପ୍ରାର୍ଥୀ ସୁଦାମ ମାର୍ଣ୍ଡିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ସଙ୍ଗଠନର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ ପଦବୀରେ ବସାଇବା ପାଇଁ ଶପଥ କରିଥିଲେ। ଏହି ଅବସରରେ ବିଜୁ ଜନତା ଦଳର ମୋରଡା ବିଧାୟକ ରାଜକିଶୋର ଦାସ, ଆମ ଓଡ଼ିଶା ନବୀନ ଓଡ଼ିଶାର ଜିଲ୍ଲା ସଂଯୋଜକ ସୁନୀଲ କୁମାର ଦାଶ, କୁଳିଅଣାର ଜିଲ୍ଲା ପରିଷଦ ସଦସ୍ୟ ଦୁର୍ଗାଚରଣ ମାର୍ଣ୍ଡି ଉପସ୍ଥିତ ଥିଲେ। ସଂଗଠନର ଅନୁଷ୍ଠାନର ଜିଲ୍ଲା ସଭାପତି ଘନଶ୍ୟାମ ମୁର୍ମୁ, ରବୀନ୍ଦ୍ର ମାର୍ଣ୍ଡି, ରାମେଶ୍ୱର କିସ୍କୁ, ସୁରୁ ସୋରେନ, ମଙ୍ଗଲ ଚାପେୟାର, ରଘୁନାଥ ହେମ୍ବ୍ରମ, ଦାଶରଥି ମୁର୍ମୁ, କାମଦେବ ବାସ୍କେ, ମଙ୍ଗଲ ହେମ୍ବ୍ରମ ଓ ସୁନାରାମ ମାର୍ଣ୍ଡିଙ୍କ ସମେତ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ସଭ୍ୟ ସାମିଲ ଥିଲେ। ଏହି ଅବସରରେ ପୂର୍ବତନ ବିଧାୟକ ବିରାମ ମୁର୍ମୁ ବିଜେପି ଛାଡି ବିଜେଡିରେ ସାମିଲ ହୋଇଥିଲେ। ମୟୂରଭଞ୍ଜର ଜିଲ୍ଲା ସଭାପତି ଶ୍ରୀ ମାର୍ଣ୍ଡି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଶ୍ରୀ ମୁର୍ମୁଙ୍କ ଯୋଗଦାନ ଫଳରେ ବାରିପଦା ନିର୍ବାଚନ ମଣ୍ଡଳୀ ସମେତ ମୟୂରଭଞ୍ଜ ଜିଲ୍ଲାରେ ବିଜେଡି ଅଧିକ ଶକ୍ତିଶାଳୀ ହେବ ବୋଲି ସଭାପତି ଶ୍ରୀ ମାର୍ଣ୍ଡି ମତବ୍ୟକ୍ତ କରିଛନ୍ତି।

# କାର୍ଯ୍ୟ ସଂସ୍ଥାରେ ମହିଳା କର୍ମଚାରୀଙ୍କୁ ନିର୍ଯାତନା ନେଇ ମାମଲା

**ବାରିପଦା, ୧୮ ।୫(ସମିସ):** କାର୍ଯ୍ୟ ସଂସ୍ଥାରେ ମହିଳା କର୍ମଚାରୀଙ୍କୁ ନିର୍ଯାତନା ନେଇ ଏକ ଅଭିଯୋଗ ହୋଇଛି। ଏ ନେଇ ଜଣେ ମହିଳା କର୍ମଚାରୀ ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତୁଳସୀଚୌରା ସ୍ଥିତ ଆରବିଏଲ୍ ଅର୍ଥ ଲଗାଣକାରୀ ସଂସ୍ଥାରେ ଜନୈକା ମହିଳା ଜଣଙ୍କ କାର୍ଯ୍ୟ କରୁଥିଲେ। ତେବେ ତାଙ୍କୁ କର୍ମଚାରୀମାନେ ଜାତିଆଣ ଉଠାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଧମକ ଏବଂ ନିର୍ଯାତନା ଦେବାସହ ଅସଦାଚରଣ କରିଥିଲେ। ଏ ନେଇ ସଂସ୍ଥାର ୩ ଜଣଙ୍କ ବିରୋଧରେ ବାରିପଦା ଟାଉନ ଥାନାରେ ଅଭିଯୋଗ ହୋଇଛି। ଏହି ଅଭିଯୋଗ କ୍ରମେ ସଂସ୍ଥାର ମ୍ୟାନେଜର ବିକାଶ ନାୟକ, ଶାଖା ମ୍ୟାନେଜର ସେକ ହମ୍ମିଦ ଓ ଏଚଆର ଅଭିଳାଷ ସାହୁଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ତେବେ ଅଭିଯୋଗକୁ ଅଭିଯୁକ୍ତମାନେ ଅସ୍ୱୀକାର କରିଛନ୍ତି।

# ପର୍ଯ୍ୟବେକ୍ଷକଙ୍କ ଜିଲ୍ଲା ନିର୍ବାଚନ ନିୟନ୍ତ୍ରଣ କକ୍ଷ ପରିଦର୍ଶନ



**ବାରିପଦା, ୧୮ ।୫(ସମିସ):** ସାଧାରଣ ନିର୍ବାଚନ ପାଇଁ ମୟୂରଭଞ୍ଜ ଜିଲ୍ଲା ପାଇଁ ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକଙ୍କ ଜିଲ୍ଲା ନିର୍ବାଚନ ନିୟନ୍ତ୍ରଣ କକ୍ଷ ପରିଦର୍ଶନ କରିଛନ୍ତି। ପର୍ଯ୍ୟବେକ୍ଷକ ଆର୍ମଷ୍ଟ୍ରଙ୍ଗ ପାମେ ଓ ଡଃ ଓମ ପ୍ରକାଶ ଶନିବାର ସମସ୍ତ କାର୍ଯ୍ୟର ସମୀକ୍ଷା କରିଥିଲେ। ଜିଲ୍ଲା ନିର୍ବାଚନ ନିୟନ୍ତ୍ରଣ କକ୍ଷ ବିଭିନ୍ନ ସେଲ ଯଥାକ୍ରମେ, ମିଡ଼ିଆ ସାର୍ଟିଫିକେସନ ଆଣ୍ଡ ମନିଟରିଂ ସେଲ, ଏକ୍ସପେଣ୍ଡିଚର ସେଲ, ଏନକୋର ସେଲ, ମଡେଲ କୋଡ଼ ଅଫ କଣ୍ଡକ୍ଟ ସେଲ, ୱେବ କାଷ୍ଟିଂ, ସିଙ୍ଗଲ ଉଇଣ୍ଡୋ ସେଲ ଗୁଡିକର କାର୍ଯ୍ୟ ପ୍ରଣାଳୀ ଠିକ ଭାବରେ ଚାଲୁଛି ନା ନାହିଁ ସେ ବିଷୟରେ ପଚାରି ବୁଝିବା ସହିତ ଏହାର ବିବରଣୀ ବିଷୟରେ ଅବଗତ ହୋଇଥିଲେ। ଏହି ସମସ୍ତ ତଥ୍ୟ ନିରୀକ୍ଷଣ କରି ପର୍ଯ୍ୟବେକ୍ଷକଗଣ ସନ୍ତୋଷ ପ୍ରକାଶ କରିବା ସହିତ କାର୍ଯ୍ୟ ପଦ୍ଧତିକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ କହିଥିଲେ। ଏହି ପରିଦର୍ଶନ ସମୟରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରଜନୀକାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଥାଉକି ଜିଲ୍ଲାରେ ନିର୍ବାଚନ କାର୍ଯ୍ୟ ପରିଚାଳନା ତଦାରଖ କରିବା ପାଇଁ ସାଧାରଣ ପର୍ଯ୍ୟବେକ୍ଷକ ଆର୍ମଷ୍ଟ୍ରଙ୍ଗ ପାମେ ଓ ଡଃ ଓମ ପ୍ରକାଶ, ନେହା, ବିକ୍ରମ ଏ ଦୋଲ୍ଲମଣି ଓ ବିନୋଦ ସି ପର୍ଯ୍ୟବେକ୍ଷକଗଣ ଜିଲ୍ଲାରେ ଉପସ୍ଥିତ ଅଛନ୍ତି। ନିର୍ବାଚନୀ ସମ୍ପର୍କିତ ଆପତ୍ତି ଅଭିଯୋଗ ନିମନ୍ତେ ମୋବାଇଲ ନମ୍ବର ଏବଂ ଇ-ମେଲ ଦ୍ୱାରା ମଧ୍ୟ ଜନସାଧାରଣ ଯୋଗାଯୋଗ କରିପାରିବେ ବୋଲି ସେ ସୂଚନା ଦେଇଛନ୍ତି।

# ବାଲି ବୋଝେଇ ଟ୍ରାକ୍ଟର ଜବତ

**ବାରିପଦା, ୧୮ ।୫(ସମିସ):** ବେଆଇନ ଭାବେ ବାଲି ଚୋରା ଚାଲାଣ ବେଳେ ବାରିପଦା ଟାଉନ ଥାନା ପୁଲିସ ଏକ ଟ୍ରାକ୍ଟରକୁ ଜବତ କରିଛି। ଏଥିସହିତ ଦୁଇ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରିଛି ପୁଲିସ। ସେମାନେ ହେଲେ ମଧୁବନ ଅଞ୍ଚଳର ଟୁନା ସିଂ ଓ ମେଘନାଦ ରାମ। ବାରିପଦା ତହସିଲ ଅଞ୍ଚଳରେ ଅନେକ ପରିମାଣର ଲଘୁ ଖଣିଜ ଚୋରା ଚାଲାଣ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି। ଯାହାକୁ ନିୟନ୍ତ୍ରଣ କରିବାରେ ରାଜସ୍ୱ ବିଭାଗ ବିଫଳ ହୋଇଛି। ବାରିପଦା ଟାଉନ ଥାନା ପୁଲିସ ପକ୍ଷରୁ ପାଟ୍ରୋଲିଂ ସମୟରେ ବଡବଜାର ରାସ୍ତାରେ ଜଗନ୍ନାଥ ମନ୍ଦିର ପଟୁ ଅମ୍ବିକା ମନ୍ଦିରଆଡକୁ ଦ୍ରୁତଗତିରେ ଯାଉଥିବା ଦେଖି ପୁଲିସ ଅଟକାଇ ପଚରା ଉଚରା କରିଥିଲା। ବେଆଇନ ଭାବେ ଲଘୁ ଖଣିଜ ଚୋରା ଚାଲାଣ କରୁଥିବା ଜାଣିବା ପରେ ଟ୍ରାକ୍ଟରକୁ ଜବତ କରାଯାଇଛି। ବାରିପଦା ଟାଉନ ଥାନାରେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 08-KUR-TRD-OT-2024-25

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ ମଣ୍ଡଳରେ ଲେବଲ କ୍ରସିଂ ସଂଖ୍ୟା 183, 274, 317 ଏବଂ 320 ବନ୍ଦ କରିବା ବଦଳରେ ସୀମିତ ଉଚ୍ଚତା ବିଶିଷ୍ଟ ସବୱେ/ ରୋଡ୍ ଅଣ୍ଡର ବ୍ରିଜ୍ ସହିତ ରୋଡ୍ ଓଭର ବ୍ରିଜର ନିର୍ମାଣ ।

ବିଜ୍ଞାପିତ ମୂଲ୍ୟ (₹): 14,32,273.78, EMD (₹) : 28,700.00, ଶେଷ ହେବା ଅବଧି : 180 ଦିନ ।

ବିଡ୍ ଆରମ୍ଭ ହେବା ତାରିଖ : ତା.21.05.2024ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.04.06.2024 ରିଖ 1300 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ହେଲେକିଛି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଟେଣ୍ଡର କାଗଜପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍

PR-126/P/24-25

## ଜନ ପ୍ରତିନିଧି ଅଧିନିୟମ ଉଲ୍ଲଙ୍ଘନ ନେଇ କାର୍ଯ୍ୟାନୁଷ୍ଠାନ

# ୪ ଗାଡ଼ି ମାଲିକଙ୍କ ବିରୋଧରେ ମାମଲା

**ବାରିପଦା, ୧୮ ।୫(ସମିସ):** ସାଧାରଣ ନିର୍ବାଚନ ପ୍ରକ୍ରିୟାକୁ ନେଇ ଜନ ପ୍ରତିନିଧିତ୍ୱ ଅଧିନିୟମ ଉଲ୍ଲଂଘନ କରିବା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଦେଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପରିବହନ ଅଧିକାରୀ ବିଶ୍ୱରାଜ ବେହେରା ଥାନାରେ ନିୟମକୁ ମାନି ନ ଥିବା ୪ ଗାଡି ମାଲିକଙ୍କ ନାମରେ ଅଭିଯୋଗ କରିଛନ୍ତି। ଚାନ୍ଦୁଆ, ଝାରପୋଖରିଆ ଓ ଭଞ୍ଜପୁର ଥାନାରେ ଯଥାକ୍ରମେ ଶିଶିର କୁମାର ପୃଷ୍ଟି, ଦିଲ୍ଲୀପ କୁମାର ପାତ୍ର, ପୁଷ୍ପଲତା କୁଅଁରବାବୁ ଓ ମନମୋହନ ସୋରେନଙ୍କ ବିରୋଧରେ ଥାନାରେ ମାମଲା ରୁଜୁ ହୋଇଛି। ସୂଚନା ଥାଉକି, ଏକକାଳୀନ ସାଧାରଣ ନିର୍ବାଚନ ପାଇଁ ଜନ ପ୍ରତିନିଧିତ୍ୱ ଅଧିନିୟମ ୧୯୫୧ ଅନ୍ତର୍ଗତ ବିଭାଗ ୧୬୦ ଅନୁସାରେ ଆବଶ୍ୟକତା ଦୃଷ୍ଟିକୋଣରୁ ଜିଲ୍ଲାପାଳ ଶ୍ରୀ ସିନ୍ଦେ ୪ଟି ଗାଡିକୁ ତାଙ୍କ ମାଲିକଙ୍କ ଦ୍ୱାରା ନିର୍ବାଚନୀ କାର୍ଯ୍ୟରେ ନିୟୋଜିତ ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଜିଲ୍ଲାପାଳ ଏହି ଗାଡିଗୁଡ଼ିକୁ ଉତ୍ତମ ଅବସ୍ଥା ଏବଂ ଚାଳକ ସହିତ ନିର୍ଦ୍ଧାରିତ ତାରିଖ ସୁଦ୍ଧା ବାରିପଦା ଉପଜିଲ୍ଲାପାଳ ନିକଟରେ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଗାଡିର ମାଲିକମାନେ ଜନ ପ୍ରତିନିଧିତ୍ୱ ଅଧିନିୟମ ୧୯୫୧ ଅନ୍ତର୍ଗତ ବିଭାଗ ୧୬୦ ଉଲ୍ଲଂଘନ କରି ଗାଡ଼ିକୁ ଧାର୍ଯ୍ୟ ସମୟ ଏବଂ ସମ୍ପୃକ୍ତ ସ୍ଥାନରେ ଉପସ୍ଥାପନ କରି ନ ଥିଲେ। ଫଳରେ, ଜିଲ୍ଲାପାଳ ଜନ ପ୍ରତିନିଧିତ୍ୱ ଅଧିନିୟମ ୧୯୫୧ ଅନ୍ତର୍ଗତ ବିଭାଗ ୧୬୭ ପ୍ରୟୋଗ କରି ସେହି ୪ଜଣ ଗାଡି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ନିର୍ଦ୍ଦେଶ ନେଇ କାର୍ଯ୍ୟାନୁଷ୍ଠାନ ବାବଦରେ ୪୮ ଘଣ୍ଟା ମଧ୍ୟରେ ରିପୋର୍ଟ ଜିଲ୍ଲାପାଳଙ୍କ ପାଖରେ ଦାଖଲ କରିବାକୁ କୁହାଯାଇଛି। ନିର୍ବାଚନ ସମୟରେ ଜନ ପ୍ରତିନିଧିତ୍ୱ ଅଧିନିୟମ ୧୯୫୧ ଏବଂ ଆଚରଣ ସଂହିତାର ଉଲ୍ଲଙ୍ଘନ ହେଲେ, ନିୟମ ଆଧାରରେ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ସିନ୍ଦେ କହିଛନ୍ତି।

## ଚେକିଂ ବେଳେ ବାଇକ୍ ଧକ୍କାରେ ସବ୍‌ଇନ୍‌ସ୍ପେକ୍ଟରଙ୍କ ମୃତ୍ୟୁ ମାମଲା

# ଆସାମୀକୁ ୧ ବର୍ଷ ୬ମାସ କାରାଦଣ୍ଡାଦେଶ

**ବାରିପଦା, ୧୮ ।୫(ସମିସ):** ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (୧)ଙ୍କ କୋର୍ଟରେ ଶନିବାର ପୁଲିସ ଦ୍ୱାରା ଗାଡି ମୋଟର ଚେକିଂ ବେଳେ ବାଇକ ଧକ୍କାରେ ଜଣେ ସବ୍‌ଇନିସ୍ପେକ୍ଟରଙ୍କ ମୃତ୍ୟୁ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ସତ୍ୟନାରାୟଣ ପାତ୍ର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୧ ବର୍ଷ ୬ମାସର କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଆସାମୀ ଜଣଙ୍କ ହେଲେ ବାରିପଦା ଟାଉନ ଥାନା ଅନ୍ତର୍ଗତ ସୁନମୁହିଁ ଅଞ୍ଚଳର ଦୁଃଖୀରାମ ସୋରେନ (୩୩)। ସୂଚନାଯୋଗ୍ୟ ଯେ, ଗତ ୧୮.୧୧.୨୦୧୯ରେ ତକତପୁର ଅଞ୍ଚଳରେ ସାନ୍ଧ୍ୟକାଳୀନ ଗାଡି ମୋଟର ଚେକିଂ ଚାଲିଥିଲା। ଏମପିସି ସ୍ୱୟଂଶାସିତ କଲେଜର ବାଳିକା ହଷ୍ଟେଲ ସମ୍ମୁଖରେ ଚେକିଂ ଚାଲିଥିବାବେଳେ ଦୁଃଖୀରାମ ଏକ ବାଇକରେ ଅନ୍ୟମାନଙ୍କ ସହିତ ଦ୍ରୁତଗତିରେ ଯାଉଥିବାବେଳେ ଅଟକି ନ ଥିଲା। ଉକ୍ତ ସମୟରେ ଚେକିଂ ଦାୟିତ୍ୱରେ ବାରିପଦା ଟାଉନ ଥାନାର ତତ୍କାଳୀନ ସବ୍‌ଇନିସ୍ପେକ୍ଟର ଦୟାନିଧି ଦାସ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ତେବେ ବାଇକଟି ତାଙ୍କୁ ଜୋରରେ ଧକ୍କା ଦେବାରୁ ସେ ଘଟଣାସ୍ଥଳରେ ପଡ଼ିଯାଇ ଗୁରୁତର ହୋଇପଡ଼ିଥିଲେ। ଫଳରେ ତାଙ୍କର ପ୍ରଚୁର ରକ୍ତସ୍ରାବ ହେବାରୁ ସଙ୍ଗେ ସଙ୍ଗେ ତାଙ୍କୁ ପିଆରଏମ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଏ ନେଇ ପୁଲିସ ପକ୍ଷରୁ ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା।

ଥାନାରେ କେଶ ନମ୍ବର ୩୫୩/୨୦୧୯ରେ ଏକ ମାମଲା ରୁଜୁ କରି ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୩୬ ଜଣ ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଓ ପୁଲିସର ତଦନ୍ତ ରିପୋର୍ଟକୁ ଭିତ୍ତିକରି ଜଜ୍ ଉପରୋକ୍ତ ଶୁଣାଣି କରିଛନ୍ତି। ଅତିରିକ୍ତ ପିପି କୃଷ୍ଣଚନ୍ଦ୍ର ଦାସ ମାମଲା ପରିଚାଳନା କରୁଥିଲେ।

# ବ୍ୟାଙ୍କ ମିତ୍ରଙ୍କୁ ଆକ୍ରମଣ

**ବାରିପଦା, ୧୮ ।୫(ସମିସ):** ଜଣେ ବ୍ୟାଙ୍କ ମିତ୍ରଙ୍କୁ ଆକ୍ରମଣ କରାଯିବା ସହିତ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦିଆଯାଇଥିବା ନେଇ ବାରିପଦା ସଦର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପଥରଚକୁଳି ଅଞ୍ଚଳର ମହେନ୍ଦ୍ର ବିନ୍ଧାଣି ଥାନାରେ ଅଭିଯୋଗ କରିଛନ୍ତି। ସେ ବାରିପଦା ସଦର ଥାନା ଅନ୍ତର୍ଗତ ବଡ଼ବ୍ରାହ୍ମଣମରା ଶାଖା ବ୍ୟାଙ୍କ ଅଫ ଇଣ୍ଡିଆରେ ବ୍ୟାଙ୍କ ମିତ୍ର ଭାବେ କାର୍ଯ୍ୟ କରନ୍ତି। ସେ ଟଙ୍କା ସଂଗ୍ରହ ନିମନ୍ତେ ଇନ୍ଦପାହି ଛକକୁ ଆସିଥିବା ବେଳେ ତାଙ୍କୁ ୫/୬ଜଣ ତାଙ୍କୁ ଆକ୍ରମଣ କରି ଚେନ୍ ଲୁଟି ନେଇ ପଳାଇଥିଲେ।

**ROURKELA LAW COLLEGE, ROURKELA**
(Affiliated to Madhusudan Law University)
Accredited by NAAC
Admission into 1st Semester of 3 years LL.B. Degree Course (CBCS System) for the session 2024-2025

**ADMISSION NOTICE**

ELIGIBILITY: - 45% in Graduation or equivalent for General Candidates and 40% for ST/SC Candidates.
Application form will be available in the College Office from 8.30.00 AM to 10.30 A.M from 17/5/2024 on payment of Rs.500/- on cash by hand and Rs.800/- by Registered Post or download from college website www.rourkelalawcollege.in and submit along with a Demand Draft of Rs.500/-
In Campus Hostel available for Girls only.

For Admission Contact:
Mr. Tanmaya Raj Padhi (Asst.Prof.), Mob.: 09040402772.
Dr. Dibyendu Kumar Panda, Asst. Prof.
Mob.: 8249703585.
Mr.Akshaya Kumar Dash. Jr.Asst.
Mob.: 9439025508,8249701300.

Sd/- Principal

पर्यटन मंत्रालय Ministry of Tourism
पर्यटन शिक्षा संस्कृति रक्षा www.iittmb.in
**IITTM**
Gwalior (H.O), Bhubaneswar, Noida, Goa, Nellore
**INDIAN INSTITUTE OF TOURISM & TRAVEL MANAGEMENT**
40+ Yrs of Experience in Education & Training
in collaboration with
Jawaharlal Nehru University (JNU)
(A Public University, New Delhi)

**ADMISSION OPEN**
Session : 2024-25

**BBA** Tourism & Travel | **MBA** Tourism & Travel Management

For online registration and detailed information please visit : www.iittm.ac.in
or E-mail : admissioniittmb@gmail.com, admissions@iittm.ac.in
Contact - 8342082073, 9778180241, 9438622056, 9861103962
NO AGE BAR

Benefits of Study in IITTM
- Exceptional Placement in last years in India and Abroad
- Highest packages in Industry with Global job Opportunities
- Largest Tourism Faculty with International Exposure
- Tourism Industry Leaders visit campuses for Placement
- Research work at IITTM-IRC (International Resource Centre)
- Scholarships available for meritorious students from Government Scheme
- Study Loan Assistance
- Excellent Placement Record

Nodal Officer
IITTM, Bhubaneswar
Dumduma, Bhubaneswar, Odisha-751019

## ନିଜ ଘରେ ଭୋଟ ଦେଲେ ବୟସ୍କ ଭୋଟର




**ଚମ୍ପୁଆ, ୧୮।୫(ସମିସ):** ନିର୍ବାଚନ କମିସନର ନିର୍ଦ୍ଦେଶ କ୍ରମେ ୨୦୨୪ ସାଧାରଣ ନିର୍ବାଚନ ନିମନ୍ତେ ବ୍ୟୟସ୍କ ଓ ଦିବ୍ୟାଙ୍ଗ ଭୋଟର ମାନେ ନିଜଘରେ ଭୋଟ ଦାନ କରିବାର ବ୍ୟବସ୍ଥା କରାଯାଇଥିବା ବେଳେ ଚମ୍ପୁଆ ବ୍ଲକ ଓ ଏନ୍‌ଏସିକୁ ମିଶାଇ ୨୧ଜଣ ଭୋଟର ନିଜ ମତ ସାବ୍ୟସ୍ତ କରିଛନ୍ତି। ଚମ୍ପୁଆ ବ୍ଲକର ବିଭିନ୍ନ ପଞ୍ଚାୟତରେ ୧୬ ଜଣ ବୟସ୍କ ଓ ଦିବ୍ୟାଙ୍ଗ ଭୋଟ ଦାନ କରିଥିବା ବେଳେ ଚମ୍ପୁଆ ଏନ୍‌ଏସିରେ ୫ ଜଣ ଘରେ ଭୋଟ ଦାନ କରିଛନ୍ତି। ବୟସର ଅପରାହ୍ନ ଓ ଶାରୀରିକ ଅକ୍ଷମତା ପରେ ବି ଦେଶ ଗଢିବା ପାଇଁ ଏମାନଙ୍କର ଉଦ୍ୟମ ବେଶ ପ୍ରଶଂସନୀୟ ହୋଇପାରିଛି। ଚମ୍ପୁଆ ଏନ୍‌ଏସିର ବୁଥ୍ ନମ୍ବର ୨୦୬ ଧଳାଡିହିରେ ରଘୁନାଥ ମହାକୁଡ ଓ ସାବିତ୍ରୀ ଖଣ୍ଡୁଆଳ ମତ ସାବସ୍ତ୍ୟ କରିଥିବା ବେଳେ ବୁଥ୍ ନମ୍ବର ୨୦୭ ମୌଲାନାଗୋଡା ଠାରେ ନୈମା ଖାତୁନ, ଅବଦୁଲ ଜଲିଲ ଓ ମେହେରୁନ୍ ନିଶା ନିଜ ଘରେ ଭୋଟ ଦାନ କରିଛନ୍ତି। ସମସ୍ତେ ୮୫ ବର୍ଷରୁ ଉଦ୍ଧ୍ୱର୍ ହୋଇଥିବା ବେଳେ ନିଜ ଘରେ ରହି ଭୋଟ ଦେବା ଅଧିକାର ପ୍ରାପ୍ତ କରିଛନ୍ତି। ଏହି ଭୋଟ ଦାନ ସମୟରେ ରିଟୋର୍ନିଂ ଅଫିସର ଭାବେ ଧର୍ମେନ୍ଦ୍ର ଶତପଥି, ପୋଲିଂ ପାର୍ଟି, ମାଇକ୍ରୋ ଅବଜରଭର୍ବ, ପୋଲିସ, ସ୍ଥାନିୟ ବିଏଲଓଙ୍କ ଉପସ୍ଥିତିରେ ଭୋଟ ଗ୍ରହଣ କରାଯାଇଥିଲା।

## ପଞ୍ଚାୟତ ସ୍ତରୀୟ ନିର୍ବାଚନୀ ସଭା



**ପାଟଣା, ୧୮।୫(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାଟଣା ବ୍ଲକ୍‌ର ମିରିଗିଖୋଜି ଗ୍ରାମ ପଞ୍ଚାୟତ ସାହାରପଡା ବ୍ଲକର ସାହାରପଡା, ଶଙ୍ଖୁଆ, ଦିଗିପଶି, କୁଣ୍ଡଳା, ଖଡ଼ିକାପଦା ଗ୍ରାମପଞ୍ଚାୟତରେ ବିଜେଡି ପକ୍ଷରୁ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ପଞ୍ଚାୟତସ୍ତରୀୟ ନିର୍ବାଚନ ସଭାରେ ବିଜେଡି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାଏକ ଯୋଗ ଦେଇ ଆଗାମୀ ଦିନରେ ଅଞ୍ଚଳର ଉନ୍ନତି ପାଇଁ ବିଧାନସଭା ପାଇଁ ତାଙ୍କୁ ଓ ଲୋକସଭା ପାଇଁ ଧନୁର୍ଜୟ ସିଧୁଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜେଡି ଉପସଭାପତି ଗୋବିନ୍ଦ ଚନ୍ଦ୍ର ମହାନ୍ତ, ଜିଲ୍ଲା କୃଷକ ସେଲ ସଭାପତି ଦୀପକ ରାଜ, ପୁର୍ବତନ ବ୍ଲକ ଅଧକ୍ଷ ଗୌରହରି ନାଏକ, ଯୁବ ନେତା ବିଜୟ ଖଟୁଆ, ଉତ୍ତମ ଖଟୁଆ, ଅଜୟ ଭଞ୍ଜ, ନବ କିଶୋର ସେଠୀଙ୍କ ସମେତ ବହୁ ଦଳୀୟ ନେତା ସାମିଲ ହୋଇଥିଲେ।

## ଅଳତି ବ୍ୟାଙ୍କ ଶାଖା ପ୍ରବନ୍ଧକଙ୍କୁ ବିଦାୟୀ ସମ୍ବର୍ଦ୍ଧନା



ରାମଚନ୍ଦ୍ରପୁର,୧୮।୫(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଅଳତି ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରେ କାର୍ଯ୍ୟରତ ପ୍ରବନ୍ଧକ ହିମାଂଶୁ କୁମାର ମହାନ୍ତିଙ୍କୁ ଆଜି ବିଦାୟୀ କାଳିନ ସମ୍ବର୍ଦ୍ଧନା ଦିଆଯିବା ସହ ନୂତନ ଶାଖା ପ୍ରବନ୍ଧକ ଆଲୋକ ଶତପଥି ଏବଂ ସହ ପ୍ରବନ୍ଧକ ରଜନୀକାନ୍ତ ଜେନାଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ଆଜି ଅନୁଷ୍ଠିତ ବିଦାୟ କାଳିନ ସମ୍ବର୍ଦ୍ଧନା ସଭାରେ ସ୍ଥାନୀୟ ଅଳତି ସରପଞ୍ଚ ଇଂ. ପ୍ରିୟବ୍ରତ ବରାଳ, ଶିକ୍ଷାବିତ୍ ରାମଚନ୍ଦ୍ର ଚକ୍ର, ଭରତଭୂଷଣ ନାୟକ, ଜୟନ୍ତଗାନ୍ଧୀ ବିଶ୍ୱାଳ, ବିଭୁତି ବାହାରୀ, ଆଦିକନ୍ଦ ଜେନା, ନିରଞ୍ଜନ ମଲ୍ଲିକ, ନିମାଇ, ନିଶିକାନ୍ତ ରାଉତ, ମିଶନ ଶକ୍ତି ମୀନତି ସାହୁ ସମେତ ଅନେକ ସାମିଲ ହୋଇଥିଲେ। ଶାଖା ପକ୍ଷରୁ ସହକର୍ମୀ ପଙ୍କଜ ଦେ, ନିରଞ୍ଜନ ଘଡେଇ, ଅତୁଳ ଚରଣ ମୁଖି, କ୍ଷିରୋଦ ବାରିକ, ବ୍ୟାଙ୍କ ମିତ୍ର, ଜ୍ୟୋତିର୍ମୟ ପତି, ବିସି ସନ୍ତୋଷ କୁମାର ସ୍ୱାଇଁ, ସୁରେଶ କୁମାର ରାଉତ, ରାଜିବ ଲୋଚନ କର, ଜଗନ୍ନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଶିଳାନ୍ୟାସକୁ ବିତିଲା ୮ ବର୍ଷ

# ଅଧାରେ ଅଟକିଛି ଆମ୍ବୋ ପୋଲ ନିର୍ମାଣ

**ହାଟଡିହୀ,୧୮।୫(ସମିସ)**

କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ୍ ଅନ୍ତର୍ଗତ ଆମ୍ବୋ ବୈତରଣୀ ନଦୀ ଠାରେ ନିର୍ମାଣଧୀନ ପୋଲ କାର୍ଯ୍ୟ ୮ବର୍ଷ ବିତିଥିଲେ ସୁଦ୍ଧା ଶେଷ ହେବାରେ ନାଁ ଧରୁନି। ହାଟଡିହୀ ଅଞ୍ଚଳର ଜନସାଧାରଣ ପଡ଼ୋଶୀ ଯାଜପୁର ଜିଲ୍ଲା ସହିତ ନିରବଛିନ୍ନ ଭାବେ ସୁଗମ୍ୟ ଯାତାୟାତରେ ଯୋଗାଯୋଗ ରଖିବା ସହିତ ବ୍ୟବସାୟିକ କାରବାର କରିବାକୁ ଲକ୍ଷ୍ୟ ରଖି ଆମ୍ବୋ ବୈତରଣୀ ନଦୀ ଠାରେ ବିଜୁସେତୁ ନିର୍ମାଣ ଆରମ୍ଭ ହୋଇଥିଲା। ଶିଳାନ୍ୟାସକୁ ୮ବର୍ଷ ବିତି ସରିଥିଲା ବେଳେ ଆସନ୍ତା ବର୍ଷା ଦିନ ପୂର୍ବରୁ ପୋଲ ନିର୍ମାଣ କାର୍ଯ୍ୟ ଶେଷ ହେବାରେ କୌଣସି ସଙ୍କେତ ଜଣାପଡୁନାହିଁ। ନିର୍ମାଣରେ ତ୍ରୁଟି ଯୋଗୁଁ ଗତ ୩ବର୍ଷ ହେବ କାମ ଅଟକି ଯାଇଥିଲା। ପୁନର୍ବାର ଟେଣ୍ଡର ପରେ ନୂତନ ଠିକାସଂସ୍ଥା ମନ୍ଥର ଗତିରେ କାମ କରୁଥିବାରୁ ପୋଲ ନିର୍ମାଣ କେବେ ଶେଷ ହେବ ବୋଲି ଜନସାଧାରଣ ପ୍ରଶ୍ନ କରିଛନ୍ତି। ଏପଟେ ସାରାବର୍ଷ ନଈରେ ଡଙ୍ଗା ସାହାଯ୍ୟରେ ବାଇକ୍, ସାଇକଲ ଓ ଅତ୍ୟାବଶ୍ୟକ ସାମଗ୍ରୀ ନେଇ ଲୋକେ ବିପଦପୂର୍ଣ୍ଣ ଭାବେ ଜଳଯାତ୍ରା କରୁଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ହାଟଡ଼ିହୀ ବ୍ଲକର ଆମ୍ବୋ ଘାଟ ଉପରେ ଆମ୍ବୋ, ଲଇଛଣପୁର, ବିରିଡ଼ି, ଆବୁଲପୁରା, ମୁଗୁପୁର, ଛେନାପଦି, ହାଟଡ଼ିହୀ, ଅଣା, ଟୁକୁଣା, ବଡ଼ରମ୍ପାସ ଓ ଘସିପୁରା ବ୍ଲକର ବାତୋ, କରଡ଼ାପାଳ, ନୟାଗଡ଼, ମଧୁକେଶରୀ, ଅତା, ପରମାନନ୍ଦପୁର, ଗୋଡିଉପର, ସାଇଁକୁଳ, ପଣ୍ଡୁଆ ସମେତ ଅଞ୍ଚଳର ୫୦ହଜାରରୁ ଉର୍ଦ୍ଧ୍ୱ ଲୋକେ ନିର୍ଭର କରୁଛନ୍ତି।

ଆମ୍ବୋ ଓ ବାତୋ ଘାଟରେ ଲୋକେ ଡଙ୍ଗା ସାହାଯ୍ୟରେ ନଦୀ ପାରି ହୋଇଥାନ୍ତି। ବର୍ଷାଦିନେ ବୈତରଣୀରେ ବନ୍ୟା ଆସିଲେ ଯାତାୟାତ ବନ୍ଦ ହୋଇଯାଇଥାଏ। ଉଭୟ ଘାଟର ୨ଟି ସ୍ଥାନରେ ଗୋଟିଏ ଲେଖାଏଁ ଡଙ୍ଗା ଚାଲୁଥିବାରୁ ଲୋକେ ନଦୀ ପାର ହେବା ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିଥା'ନ୍ତି। ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ସାଇଁକୁଳର ବରିଷ୍ଠ ନାଗରିକଙ୍କ ଅନୁରୋଧ କ୍ରମେ ୨୦୦୭ରେ ତତ୍କାଳୀନ ରାମଚନ୍ଦ୍ରପୁର ବିଧାୟକ ଏଠାରେ ଏକ ପୋଲ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୋଲ ନିର୍ମାଣ ହେଲେ ହାଟଡିହୀ ଅଞ୍ଚଳରୁ ଯାଜପୁର ଓ ଘସିପୁରା ଅଞ୍ଚଳରୁ ଭଦ୍ରକକୁ କମ୍ ସମୟରେ ଯାତାୟାତ କରିହେବ ବୋଲି ସାଇଁକୁଳର ନାଗରିକମାନେ ଜଣାଇଥିଲେ। ପରବର୍ତ୍ତୀ ସମୟରେ ନାବାର୍ଡ ସହାୟତାରେ ବିଜୁସେତୁ ଯୋଜନାରେ ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ବାତୋ-ଆମ୍ବୋ ମଧ୍ୟରେ ପୋଲ ନିର୍ମାଣ ପାଇଁ ୩୨କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ୫୨୦.୭୧ ମିଟର ଲମ୍ବ ଏହି ପୋଲ ନିର୍ମାଣ ୨୦୧୬ ନଭେମ୍ବର ୧୪ରୁ ଆରମ୍ଭ ହୋଇ ୩ବର୍ଷ ମଧ୍ୟରେ ୨୦୧୯ ନଭେମ୍ବରରେ ସମ୍ପୂର୍ଣ୍ଣ କରାଯିବାକୁ ଲକ୍ଷ୍ୟ ରଖାଯାଇଥିଲା। ୨୦୧୮ ଅକ୍ଟୋବର ସୁଦ୍ଧା ଠିକାସଂସ୍ଥା ୧୨ଟି ପିଲାର ମଧ୍ୟରୁ ମାତ୍ର ୬ଟି ନିର୍ମାଣ କରିଥିଲା। ତିନି ନମ୍ବର ସ୍ପାନ୍ ବନ୍ୟାରେ ଦବିଯାଇ ଘୁଞ୍ଚିଯିବାରୁ ପୋଲ ନିର୍ମାଣ ବନ୍ଦ ରହିଥିଲା। ନୂତନ ଡିଜାଇନ ପ୍ରସ୍ତୁତ ହେବା ପରେ ପୁଣି ପୋଲ କାମ ଆରମ୍ଭ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। ଏହାପରେ ପୋଲ ନିର୍ମାଣ କରୁଥିବା ଠିକାସଂସ୍ଥା କାମ ଛାଡ଼ି ପଳାଇ ଯିବାରୁ ୩ବର୍ଷ ଧରି ନିର୍ମାଣ କାମ ବନ୍ଦ ରହିବା ପରେ ଗତବର୍ଷ ଜୁନରେ ପୁନଃଟେଣ୍ଡର କରାଯାଇଥିଲା। ମୋଟ ୧୪କୋଟି ୨୯ ଲକ୍ଷ ୭୧ ହଜାର ୧୧୯ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଠିକାସଂସ୍ଥା ପକ୍ଷରୁ ତ୍ରୁଟିଥିବା ପିଲାରର ନିର୍ମାଣ କାମ ଶେଷ ହୋଇଛି। ବର୍ଷକ ମଧ୍ୟରେ ପୋଲ ନିର୍ମାଣ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ଆମ୍ବୋ ପାଶ୍ୱର୍ରେ ନିର୍ମାଣ ବାକି ରହିଛି। ପୋଲ ନିର୍ମାଣ ସମ୍ପୂର୍ଣ୍ଣ ହେଉନଥିବାରୁ ନଦୀର ଅପରପାଶ୍ୱର୍ରେ ରହୁଥିବା କଲେଜ ଛାତ୍ରଛାତ୍ରୀ ବର୍ଷା ଦିନେ ପାଠ ପଢ଼ିବାକୁ ଆସିପାରୁ ନାହାଁନ୍ତି। ପୋଲ କାମ ତୁରନ୍ତ ଶେଷ ହେଲେ ଅଞ୍ଚଳବାସୀ ଉପକୃତ ହେବେ ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରଶାନ୍ତ ମହାପାତ୍ର, ପୂର୍ବତନ ଆମ୍ବୋ ସରପଞ୍ଚ ସୁବ୍ରତ ମହାପାତ୍ର, ରାମଚନ୍ଦ୍ର ଦାଶଙ୍କ ସମେତ ବାବୁଲି ବେହେରା, ସୁବାସ ନନ୍ଦ ପ୍ରମୁଖ କହିଛନ୍ତି।



## ତେଲକୋଇ ବିଜେଡିର ବିଶାଳ ସମାବେଶ



**ତେଲକୋଇ,୧୮।୫(ସମିସ):** ତେଲକୋଇ ବ୍ଲକ ଶିବ ନାରାୟଣପୁର ଗୋଡା ପଞ୍ଚାୟତ କମଳାଙ୍ଗ ଶୈବ ପୀଠ ପ୍ରାଙ୍ଗଣରେ ବିଜୁ ଜନତା ଦଳ ପକ୍ଷରୁ ଏକ ବିଶାଳ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ତେଲକୋଇ ନିର୍ବାଚନ ମଣ୍ଡଳୀର ସମସ୍ତ ବ୍ଲକର ଶତାଧିକ ସଂଖ୍ୟାରେ ସନା ସେନା ଓ ବିଜେଡି କର୍ମୀ ସାମିଲ ହୋଇ ମୁଖ୍ୟମନ୍ତ୍ରୀଙ୍କ ହାତ ମୁଠାକୁ ଟାଣ କରିବାକୁ ନିଷ୍ପତି ନେଇଥିଲେ। ଏହି ସମର୍ଥନ ପରେ ତେଲକୋଇ ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳ କର୍ମୀଙ୍କ ଉତ୍ସାହ ବୃଦ୍ଧି ପାଇଥିବା ସହିତ ନିର୍ବାଚନ ବୈତରଣୀ ପାର ହେବା ଆଶା ବାନ୍ଧିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ମା' ଜଗତ ଜନନୀ ସେବା ଟ୍ରଷ୍ଟର ସଂଯୋଜକ ସଞ୍ଜୀବ ବେହେରା, ବରିଷ୍ଠ ସଦସ୍ୟ ତଥା ସନା ସେନାର ବରିଷ୍ଠ କର୍ମୀ କୈଳାସ ଚନ୍ଦ୍ର ପ୍ରଧାନ, ବିଧାୟକ ପ୍ରାର୍ଥୀ ମାଧବ ସର୍ଦ୍ଦାର, ବରିଷ୍ଠ ବିଜେଡି କର୍ମୀ ଅମର କୁଅଁରଙ୍କ ସମେତ ସମସ୍ତ ତିନୋଟି ବ୍ଲକର ବିଜୁ ଜନତା ଦଳ ସଭାପତି ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମକୁ ସନା ସେନାର ବରିଷ୍ଠ କର୍ମୀ କୈଳାସ ଚନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ।

## ଜନାର୍ଦ୍ଦନପୁର ପାଟଣାରେ ବଦ୍ରିଙ୍କ ପଥପ୍ରାନ୍ତ ସଭା



ରାମଚନ୍ଦ୍ରପୁର,୧୮।୫(ସମିସ): ଘସିପୁରା ବ୍ଲକ ଅଳତି ପଞ୍ଚାୟତ ଅନ୍ତର୍ଗତ ଜନାର୍ଦ୍ଦନପୁର ପାଟଣା ଗ୍ରାମରେ ଘସିପୁରା ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ବଦ୍ରିନାରାୟଣ ପାତ୍ର ପଥପ୍ରାନ୍ତ ସଭା ମାଧ୍ୟମରେ ନିଜ ସପକ୍ଷରେ ଭୋଟ ଭିକ୍ଷା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୁବ ସମାଜସେବୀ ପ୍ରଭାତକୁମାର ବରାଳ, ରବିନ୍ଦ୍ରକୁମାର ସ୍ୱାଇଁ, ସୁଶାନ୍ତ ରାଉତ, ଶଶିଭୂଷଣ ରାଉତ, ହୃଷୀକେଶ ରାଉତ, ମହେଶ୍ୱର ସ୍ୱାଇଁ ସମେତ ଅନେକ ମୂରବୀ ସାମିଲ ହୋଇଥିଲେ। ଏହି ସଭାରେ ଶତାଧିକ ମହିଳା ଏବଂ ପୁରୁଷ ଉପସ୍ଥିତ ରହି ଶଙ୍ଖ ଚିହ୍ନରେ ଭୋଟ ଦେଇ ବିଧାୟକ ଏବଂ ସାଂସଦ ପ୍ରାର୍ଥିଙ୍କୁ ବିପୁଳ ସଂଖ୍ୟାରେ ବିଜୟୀ କରିବାକୁ ଶପଥ ନେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଭାଗିରଥି ରାଉତ, ସୁରେଶ କୁମାର ରାଉତ, ଅନିଲ ଦାସ, ମହେଶ୍ୱର ଦାସ, କୁଣ୍ଡୁ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ଆନନ୍ଦପୁରରେ ସହିଦ ସୁଶାନ୍ତଙ୍କ ସ୍ମାରକୀ ଉଦ୍‌ଘାଟିତ

**ଆନନ୍ଦପୁର,୧୮।୫(ସମିସ):** ଆନନ୍ଦପୁରର ବିଏନ୍ ହାଇସ୍କୁଲ୍‌ରେ କେନ୍ଦ୍ରୀୟ ରିଜର୍ଭ ସୁରକ୍ଷା ବଳ ସମ୍ବଲପୁର ଶାଖା ତରଫରୁ ସହିଦ ସୁଶାନ୍ତ ଖୁଣ୍ଟିଆଙ୍କ ସମ୍ମାନାର୍ଥେ ଏକ ସହିଦ ସ୍ମାରକୀ ଉଦ୍‌ଘାଟିତ ହୋଇଯାଇଛି। ସିଆର୍‌ପିଏଫ୍ ବାଟାଲିୟନ, ଡିଆଇଜି ସଞ୍ଜୟ କୁମାର ସିଂ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସହିଦଙ୍କ ପତ୍ନୀଙ୍କୁ ସାକ୍ଷାତ କରି ସମବେଦନା ଜଣାଇଥିଲେ। ପରେ ବିଏନ୍ ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ସହିଦ ସ୍ମାରକୀ ଉନ୍ମୋଚିତ ହୋଇଥିଲା। ବାଟାଲିୟନ ଆସିଷ୍ଟାଣ୍ଟ ସୁଶାନ୍ତ ସାହୁ ଓ ସାଥୀ ଯବାନମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସହିଦଙ୍କ ଧର୍ମ ପତ୍ନୀ ପୂର୍ଣ୍ଣିମା ପୃଷ୍ଟିଙ୍କୁ ଡିଆଇଜିଙ୍କ ତରଫରୁ ସମ୍ମାନିତ କରାଯାଇଥିଲା। ତାଙ୍କ ପରିବାର ବର୍ଗକୁ ମିଳିଥିବା ସମସ୍ତ ସହାୟତା ସମ୍ବନ୍ଧରେ ପଚାରି ବୁଝିଥିଲେ। ଏହି ଅବସରରେ ବିଏନ୍ ହାଇସ୍କୁଲ୍‌ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ/ସଭ୍ୟା ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ରହି ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।




## ଆଙ୍ଗୁଲିଆରେ ମିଳୁନି ପାନୀୟ ଜଳ



**ନାରଦପୁର,୧୮।୫(ସମିସ):** ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନାରଦପୁର ଗ୍ରାମପଞ୍ଚାୟତର ଆଙ୍ଗୁଲିଆ ଗ୍ରାମର ବଡସାହି ଓ (ଖ) ସାହିରେ ବସୁଧା ପାନୀୟ ଜଳ ମିଳୁନଥିବାରୁ ଗ୍ରାମବାସୀ ହଇରାଣ ହରକତ ହେଉଥିବା ଅଭିଯୋଗ ହୋଇଛି। ଏହି ପ୍ରକଳ୍ପ ଗତ ୪ବର୍ଷ ହେବ ଗାଁରେ ପାଇପ୍ ଯୋଗେ ଘରକୁ ଘର ଷ୍ଟାଣ୍ଡପୋଷ୍ଟ କରାଯାଇଛି। ମାତ୍ର ପ୍ରାୟ ୧ମାସ ଜଳ ଯୋଗାଣ ପରେ ବନ୍ଦ ହୋଇଯାଇଛି। ଫଳରେ ପାନୀୟ ଜଳ ପାଇଁ ହିନସ୍ତା ହେଉଛନ୍ତି ଦୁଇ ସାହିର ଲୋକେ। ଏ ନେଇ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା ଆଜକୁ ଚାରି ବର୍ଷ ହେବ ସେମିତି ପଡିରହିଛି। ସ୍ଥାନୀୟ ଜାତୀୟ ରାଜପଥକୁ ଲାଗି ରହିଥିବା ଓଭରହେଡ ଟ୍ୟାଙ୍କରୁ ଉକ୍ତ ଆଙ୍ଗୁଲିଆ ଗାଁକୁ ପାନୀୟ ଜଳ ପାଇଁ ସରୁ ପାଇପ ସଂଯୋଗ ରହିଛି। ଫଳରେ ପାନୀୟ ଜଳ ସଠିକ ଭାବେ ପହଞ୍ଚି ପାରୁ ନଥିବା ଗ୍ରାମବାସୀ କହିଛନ୍ତି। ତେଣୁ ଉକ୍ତ ଗାଁକୁ ନିକଟ ଜଗନ୍ନାଥପୁର ଗ୍ରାମରେ ରହିଥିବା ଓଭରହେଡ ଟ୍ୟାଙ୍କରୁ ଜାମଦାପାଳ ଗାଁକୁ ଯାଇଥିବା ପାଣି ପାଇପରେ ସଂଯୋଗ କରାଗଲେ ପାନୀୟ ଜଳ ପାଇପାରିବେ ବୋଲି ମହିଳା ମାନେ କହିଛନ୍ତି। ଏଥିପ୍ରତି ଗ୍ରାମୀଣ ପାନୀୟ ଜଳ ଯୋଗାଣ ବିଭାଗ ଦୃଷ୍ଟିଦେଇ ଭୋଟଦାନ ପୂର୍ବରୁ କରା ନ ଗଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସୂଚନା ମିଳିଛି।

# ନିମ୍ନମାନର ପୋଲ କାର୍ଯ୍ୟକୁ ଗ୍ରାମବାସୀଙ୍କ ବିରୋଧ





**ହାଟଡ଼ିହୀ,୧୮।୫(ସମିସ):** ଗତ ୨୦୨୩ ଅଗଷ୍ଟ ମାସରେ ହୋଇଥିବା ଲଗାଣ ବର୍ଷାରେ ହାଟଡିହୀ ବ୍ଲକ ଅଁରା ପଞ୍ଚାୟତ ବୃନ୍ଦାବନପୁର, ବେଲବନ୍ଧ ଓ ବେଙ୍ଗତୀରା ଗ୍ରାମକୁ ଲମ୍ବିଥିବା ମୁଖ୍ୟରାସ୍ତା ଉପରେ ଥିବା ପୁରୁଣା ପୋଲଟି ବର୍ଷାଜଳରେ ସମ୍ପୂର୍ଣ୍ଣ ଭାସିଯାଇଥିଲା। ତିନିଖଣ୍ଡ ଗାଁର ଲୋକେ ଯାତାୟାତ ନିମନ୍ତେ ନାନାଦି ସମସ୍ୟାର ସମ୍ମୁଖୀନ ହେଉଥିବାରୁ ବାରମ୍ବାର ଅଭିଯୋଗକ୍ରମେ ଏକ ନୂତନ ପୋଲ ନିର୍ମାଣ ପାଇଁ ଭଦ୍ରକ ଜଳସେଚନ ମଣ୍ଡଳ ପକ୍ଷରୁ ବ୍ୟୟବରାଦ ହୋଇ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଅଛି। ତେବେ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭରୁ ନିମ୍ନମାନର ହେଉଥିବା ନେଇ ବୁଧବାର ଅପରାହ୍ନରେ ବୃନ୍ଦାବନପୁର ସମେତ ବେଙ୍ଗିତୀରା ଓ ବେଲବନ୍ଧ ଗ୍ରାମର ଗ୍ରାମବାସୀ ପୋଲ କାମକୁ ତୀବ୍ର ବିରୋଧ କରିଥିଲେ। ଘଟଣା ସ୍ଥଳରେ ଠିକାଦାର ପହଞ୍ଚି କାର୍ଯ୍ୟ ବାବଦରେ ସଫେଇ ଦେଇଥିଲେ ସୁଦ୍ଧା ଗ୍ରାମବାସୀ ତାହାକୁ ଗ୍ରହଣ କରିନଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ପୋଲଟି ଓସାରିଆ ବଦଳରେ ସଂକୀର୍ଣ୍ଣ ହୋଇଛି ଏବଂ ଢଳେଇରେ ବ୍ୟବହୃତ ସାମଗ୍ରୀ ଗୁଡ଼ିକ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ କଂକ୍ରିଟ ଝଡ଼ି ପଡୁଛି ବୋଲି ଦର୍ଶାଇ ଏହାକୁ ପୁନଃନିର୍ମାଣ ପାଇଁ ଦାବି କରିଥିଲେ। ପ୍ରକାଶ ଥାଉକି, ପିଲାର ସେଟ୍ରିଂ ଖୋଲା ହେବାର ଉପଯୁକ୍ତ ସମୟସୀମା ମଧ୍ୟରେ ପିଲାର ଗୁଡ଼ିକର ଫାଙ୍କା ସ୍ଥାନରେ ହନିକମ ମାରିବା ଜରୁରୀ ରହିଥିବାବେଳେ ସେସବୁ ଆଜିଯାଏଁ କାର୍ଯ୍ୟକାରୀ ହୋଇନାହିଁ। ଯାହାକି, ଆଗାମୀ ଦିନରେ ସେସବୁ ସ୍ଥାନରେ ବର୍ଷାଜଳ ଲାଗିଲା କ୍ଷଣି ତାହା ଫାଟିବା ସୁନିଶ୍ଚିତ ବୋଲି ଗ୍ରାମବାସୀ କହିଛନ୍ତି। ଏଥିପ୍ରତି ସମ୍ପୃକ୍ତ ଠିକାଦାର କିମ୍ବା ବିଭାଗୀୟ ଅଧିକାରୀ ଦୃଷ୍ଟି ନଦେବା ଅତ୍ୟନ୍ତ ପରିତାପର ବିଷୟ ସାଜିଛି। ଗ୍ରାମବାସୀଙ୍କ ଦୀର୍ଘ ୩୦ବର୍ଷର ସ୍ୱପ୍ନ ଧୂଳିସାତ ହେବାର ଆଶଙ୍କା ଦେଖାଦେଇଥିବା ବେଳେ ଏଭଳି ନିମ୍ନମାନ କାର୍ଯ୍ୟର ସ୍ଥାୟିତ୍ୱକୁ ନେଇ ସାଧାରଣରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇ ଗ୍ରାମବାସୀ ଏଭଳି କାର୍ଯ୍ୟକୁ ତୀବ୍ର ବିରୋଧ କରିଛନ୍ତି। ଏଭଳି ନିମ୍ନମାନର କାର୍ଯ୍ୟ ପ୍ରତି ଆନନ୍ଦପୁର ଉପଜିଲ୍ଲାପାଳ ତୁରନ୍ତ ଦୃଷ୍ଟି ଆକର୍ଷଣ କରିବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

## ବସୁଧାରୁ ବାହାରୁଛି ଗୋଳିଆ ପାଣି



**ତେଲକୋଇ,୧୮।୫(ସମିସ):** ତେଲକୋଇ ବ୍ଲକ ମୁଖ୍ୟାଳୟ ତଥା ତେଲକୋଇ ସଦର ପଞ୍ଚାୟତରେ ଥିବା ''ବସୁଧା' ଯୋଜନାରୁ ଦୂଷିତ ଗୋଳିଆ ପାଣି ବାହାରୁ ଥିବାରୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଗୋଳିଆ ପାଣି ବାହାରିବା ଅତି ସମ୍ବେଦନଶୀଳ ଓ ପରିତାପର ବିଷୟ ବୋଲି ଅଭିଯୋଗ ହେଉଛି। ଅନ୍ୟପଟେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗୀୟ ଅଧିକାରୀଙ୍କ ବୈମାତୃକ ମନୋଭାବ ଯୋଗୁଁ ଲୋକେ ବିଶୁଦ୍ଧ ଜଳ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ତେବେ ପ୍ରକାଶ ଥାଉକି ବିଗତ ଦୁଇ ବର୍ଷ ହେବ ଉକ୍ତ ପ୍ରକଳ୍ପ ମରାମତି ନାଁରେ ପଞ୍ଚାୟତ ସମିତି ଏବଂ ପଞ୍ଚାୟତ ରାଜ କୋଷରୁ ପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କରାଯାଇଥିଲେ ସୁଦ୍ଧା ଲୋକେ ବିଶୁଦ୍ଧ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ନିମ୍ନମାନର କାର୍ଯ୍ୟ ସାଙ୍ଗକୁ ତଞ୍ଚକତା କରି ଉକ୍ତ ଅର୍ଥକୁ ବିଭାଗୀୟ ଯନ୍ତ୍ରୀ ଓ ଠିକା ସଂସ୍ଥା ତୁଷାରପାତ କରିଥିବା ସଙ୍ଗୀନ ଅଭିଯୋଗ ହୋଇଛି। ଯାହା ଫଳରେ ଲୋକେ ବସୁଧାରୁ ବିଶୁଦ୍ଧ ପାଉ ନଥିବା କୁହାଯାଉଛି। ତେବେ ଏ ସମ୍ବନ୍ଧରେ ବିଭାଗୀୟ ଯନ୍ତ୍ରୀ ଆଶିଷ ଦେ'ଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ଯୋଗାଯୋଗ ହୋଇ ପାରି ନଥିଲା।

## ବିଜେଡିର ଜୋନସ୍ତରୀୟ ନିର୍ବାଚନୀ ସଭା

# ଶଙ୍ଖନାଦରେ କମ୍ପିଲା ମହୁଲ ପଡ଼ିଆ



ପ୍ରୀତିନନ୍ଦାଙ୍କୁ ମିଳୁଛି ପ୍ରବଳ ଜନସମର୍ଥନ

ମୋରଡ଼ା, ୧୮ ।୫(ସମିସ): ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ନିର୍ବାଚନ ମଣ୍ଡଳୀର ୩୯ନଂ. ଜୋନସ୍ତରୀୟ ନିର୍ବାଚନ ସଭା ଶନିବାର ବାରମାଇଲ ନିକଟ ମହୁଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ମୋରଡ଼ା ନିର୍ବାଚନ ମଣ୍ଡଳୀର କୋର୍ଡ଼ିନେଟର କୃଷ୍ଣାନନ୍ଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଜୋନ ସଭାପତି କ୍ଷିତିଶ ମହାନ୍ତ ଏବଂ ବ୍ଲକ କୋର୍ଡ଼ିନେଟର ମୀନକେତନ ମହାନ୍ତି ସଭା ପରିଚାଳନା କରିଥିଲେ। ବ୍ଲକ ସଭାପତି ଜୟପ୍ରକାଶ ରାଉଳ ଏବଂ ଯୁବ ସଭାପତି ସମୀର ବେହେରାଙ୍କ ନେତୃତ୍ୱରେ ଶତାଧିକ ଯୁବ ଏବଂ ଛାତ୍ର ବାଇକ ଶୋଭାଯାତ୍ରାରେ ଆସିଥିଲେ। ମୋରଡ଼ା ନିର୍ବାଚନ ମଣ୍ଡଳୀର ବିଧାନସଭା ପ୍ରାର୍ଥିନୀ ପ୍ରୀତିନନ୍ଦା କାନୁନଗୋଙ୍କୁ ବାରମାଇଲ ଛକ ନିକଟରୁ ଏକ ବିରାଟ ପଟୁଆରରେ ଡାବୁଲ ତାମସା ବଜାଇ ମଞ୍ଚ ନିକଟକୁ ପାଛୋଟି ଆଣିଥିଲେ। ବିଧାୟକ ପ୍ରାର୍ଥିନୀ ପ୍ରୀତିନନ୍ଦା କାନୁନଗୋ, ବିଧାୟକ ରାଜକିଶୋର ଦାସ, ମହିଳା ସଭାପତି ବିଦ୍ୟୁତପ୍ରଭା ବେହେରା, ଜିଲ୍ଲା ପରିଷଦ ଝରଣା ମୁର୍ମୁ, ବ୍ଲକ ସଭାପତି ଜୟପ୍ରକାଶ ରାଉଳ, ବ୍ଲକ କୋର୍ଡ଼ିନେଟର ମୀନକେତନ ମହାନ୍ତି, ମହିଳାନେତ୍ରୀ ସୁକାନ୍ତି ସେଠୀ, ଶତଦଳ ମହାନ୍ତ, ଦାନ୍ତିଆମୁହାଁ ସରପଞ୍ଚ ଗୁରୁବାରି ସିଂ, ଦୁର୍ଗାପୁର ସରପଞ୍ଚ ସୁମିତ୍ରା ଟୁଡୁ, ଘୋଳମୁହାଁ ସମିତିସଭ୍ୟ ଯୁଗଳ କିଶୋର ମହାନ୍ତ ସମେତ ବହୁ ନେତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୧୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଉପସ୍ଥିତ ରହି ବିଜେଡି ସପକ୍ଷରେ ଭୋଟ ଦେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମହୁଲ ପଡ଼ିଆ ଶଙ୍ଖନାଦରେ ପ୍ରକମ୍ପିତ ହୋଇଥିଲା ପ୍ରୀତିନନ୍ଦା ତାଙ୍କ ଅଭିଭାଷଣରେ ବିଜେପି ଉପରେ ଖୁବ ବର୍ଷିଥିଲେ। ସେ କହିଥିଲେ ଯେ ବିଜେପିର ଦିଲ୍ଲୀ ଟାଣୁଆ ନେତାମାନେ ଆସି



ମିଥ୍ୟା ପ୍ରତିଶ୍ରୁତି ଦେଇ ନିରୀହ ଭୋଟରଙ୍କଠାରୁ ଭୋଟ ନେଇ କେନ୍ଦ୍ରମନ୍ତ୍ରୀ ହୋଇଥିଲେ; କିନ୍ତୁ ଅଞ୍ଚଳର କୌଣସି ବିକାଶ କଲେ ନାହିଁ। ରାଜ୍ୟ ସରକାରଙ୍କ ଜନହିତକର ଯୋଜନାକୁ ଦୃଢ଼ ବିରୋଧ କରିଥିଲେ। ଏହି ଅବସରରେ ସେ ବିଜେଡି ସରକାରର ସୁଶାସନ ଓ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ଘରେ ଘରେ ପହଞ୍ଚାଇବାକୁ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ପରେ ବିଧାୟକ ରାଜକିଶୋର ଦାସ ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ଯେଉଁ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯେଉଁସବୁ ଯୋଜନା କରିଛନ୍ତି ତାହା ସମ୍ପର୍କରେ ଲୋକଙ୍କୁ ଅବଗତ କରିଥିଲେ। ସେ ବିଜେପିକୁ ସମାଲୋଚନା କରିବା ସହିତ ବିଜୁ ଜନତା ଦଳର କର୍ମୀମାନଙ୍କୁ ନବୀନ ପଟ୍ଟନାୟକଙ୍କ ବିକାଶର ବାର୍ତ୍ତା ନେଇ ଲୋକମାନଙ୍କ ନିକଟକୁ ଭୋଟ ଭିକ୍ଷା ପାଇଁ ଯିବାକୁ କହିଥିଲେ। କାର୍ଯ୍ୟକ୍ରମକୁ ସରୋଜ ଦାସ, ସଞ୍ଜିବ ଦେ, ଅମ୍ବୁଜ ମହାନ୍ତ, ମୋହନ ସିଂ, ଭବାନୀ ରାଜ ସମେତ ଆଗଧାଡ଼ିର କର୍ମୀମାନେ ପରିଚାଳନାରେ ସହଯୋଗ କରିଥିଲେ।

## ଉଦଳା: ନିର୍ବାଚନ ମଇଦାନରେ ୧୫ ପ୍ରାର୍ଥୀ

ଉଦଳା, ୧୮ ।୫(ସମିସ): ଉଦଳା ନିର୍ବାଚନମଣ୍ଡଳୀ ପାଇଁ ମୋଟ ୧୬ ଜଣ ପ୍ରାର୍ଥୀ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ତେବେ ଯାଞ୍ଚ ପରେ ଜଣଙ୍କର ପ୍ରାର୍ଥୀତ୍ୱ କାଟ ଖାଇଥିବା ବେଳେ ମଇଦାନରେ ୧୫ ଜଣ ପ୍ରାର୍ଥୀ ରହିଥିଲେ। ସ୍ୱାଧୀନ ପ୍ରାର୍ଥୀ ଡ. ମନୋରଞ୍ଜନ ମଲ୍ଲିକଙ୍କ ପ୍ରାର୍ଥୀତ୍ୱ ଯାଞ୍ଚ ବେଳେ କାଟ ଖାଇଥିଲା। ମାତ୍ର ଆଜି ପ୍ରାର୍ଥୀପତ୍ର ପ୍ରତ୍ୟାହାର ପ୍ରକ୍ରିୟାରେ ଜଣେ ବି ପ୍ରାର୍ଥୀ ପ୍ରତ୍ୟାହାର କରିନାହାନ୍ତି। ଫଳରେ ନିର୍ବାଚନ ମଇଦାନରେ ୧୫ ପ୍ରାର୍ଥୀ ଚୂଡ଼ାନ୍ତ ଲଢ଼େଇରେ ସାମିଲ ସୁନିଶ୍ଚିତ ହୋଇଛି। ସ୍ୱାଧୀନ ଭାବେ କଲ୍ଲୋଳ ସିଂ, ବିଶ୍ୱନାଥ ମାରାଣ୍ଡି, ରାଜା କିଶୋର ମାର୍ଣ୍ଡି, ମାୟା ଟୁଡୁ, ରାଇମଣୀ ବିଶ୍ୱାଳ ନବ ନିର୍ମାଣ କୃଷକ ସଂଘ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ, ସ୍ୱାଧୀନ ଭାବେ କାଳୀଚରଣ ପାତ୍ର, ବେଣୁଧର ମହାପାତ୍ର, ମୀନାକ୍ଷୀ ମୁର୍ମୁ, ରବୀନ୍ଦ୍ର ଟୁଡୁ, ଭାଜପାରୁ ଭାସ୍କର ମଢେଇ, ବିଜେଡିରୁ ଶ୍ରୀନାଥ ସରେନ, କଂଗ୍ରେସରୁ ଦୁର୍ଗାଚରଣ ଟୁଡୁ, ଜେଏମ୍ଏମ୍ରୁ ଚକ୍ରଧର ସିଂ, ଆଜସୁ ପାର୍ଟିରୁ ମଦନମୋହନ ମାଝୀ, ନେସନାଲ ଅପନୀ ପାର୍ଟିରୁ ଯୋଗେନ୍ଦ୍ର ବାର୍ଷାଳିଆ ପ୍ରମୁଖ ନିର୍ବାଚନ ମଇଦାନରେ ଲଢେଇ କରିବା ସ୍ପଷ୍ଟ ହୋଇଛି। ଆସନ୍ତା ଜୁନ ୧ତାରିଖରେ ଏହି ୧୫ ଜଣ ପ୍ରାର୍ଥୀଙ୍କୁ ଉଦଳା ନିର୍ବାଚନମଣ୍ଡଳୀର ୨ଲକ୍ଷ ଏକ ହଜାର ୯୭୨ଭୋଟର ଚୟନ କରିବେ।

## ଯଶିପୁର ବିଧାନସଭା କ୍ଷେତ୍ର: ମଇଦାନରେ ୯ ପ୍ରାର୍ଥୀ

କରଞ୍ଜିଆ, ୧୮ ।୫(ସମିସ): ଯଶୀପୁର ସଂରକ୍ଷିତ ବିଧାନସଭା କ୍ଷେତ୍ର ପାଇଁ ଶୁକ୍ରବାର ପ୍ରାର୍ଥିପତ୍ର ପ୍ରତ୍ୟାହାର ଦିବସ ଥିଲା। ଦାଖଲ କରିଥିବା ମୋଟ ୯ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ଜଣେ ମଧ୍ୟ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନଥିବାରୁ ଦାୟିତ୍ୱରେ ଥିବା ରିଟର୍ଣ୍ଣିଂ ଅଧିକାରୀ ତଥା ଉପଜିଲ୍ଲାପାଳ ବୈଧ ୯ ପ୍ରାର୍ଥୀଙ୍କ ପୂର୍ଣ୍ଣାଙ୍ଗ ତାଲିକା ପ୍ରକାଶ କରିଛନ୍ତି। ସେମାନେ ହେଲେ ବିଜେପି ପ୍ରାର୍ଥୀ ଗଣେଶ ରାମସିଂ ଖୁଣ୍ଟିଆ, ବିଜେଡି ପ୍ରାର୍ଥୀ ଚକ୍ରଧର ହେମ୍ବ୍ରମ, କଂଗ୍ରେସ ପ୍ରାର୍ଥୀ ତୋ ଚାତାର, ଭାରତୀୟ ନ୍ୟାୟ ଅଧିକାର ରକ୍ଷା ପାର୍ଟିର ଦିଲ୍ଲିପ କୁମାର ନାଏକ, ଏସୟୁସିଆଇ ପ୍ରାର୍ଥୀ ନିଳାମ୍ବର ନାଏକ ସ୍ୱାଧୀନ ପ୍ରାର୍ଥୀ କ୍ୟାପଟେନ୍ ଦେବେନ୍ଦ୍ରନାଥ ପିଙ୍ଗୁଆ, ସ୍ୱାଧୀନ ପ୍ରାର୍ଥୀ ଯୋଗେନ୍ଦ୍ର ନାଥ ପୂର୍ତ୍ତି, ମାଇକ ବେଶ୍ରା ଓ ନବ କିଶୋର ଟୁଡୁ। ୬ ଯଶୀପୁର ସଂରକ୍ଷିତ ଆସନ ପାଇଁ ପ୍ରାର୍ଥିପତ୍ର ପ୍ରତ୍ୟାହାର ଶେଷ ହେବା ସହିତ ପୂର୍ଣ୍ଣାଙ୍ଗ ପ୍ରାର୍ଥିପତ୍ର ପ୍ରକାଶ ପାଇଛି। ଏହା ସହିତ ୧ ଜୁନ୍‌ରେ ନିର୍ବାଚନ ହେବ ବୋଲି ଯଶୀପୁର ସଂରକ୍ଷିତ ଆସନ ନିମନ୍ତେ ନିଯୁକ୍ତି ହୋଇଥିବା ରିଟର୍ଣ୍ଣିଂ ଅଧିକାରୀ ତଥା ଉପ ଜିଲ୍ଲାପାଳ ପ୍ରେମାନଶୁ ଚାନ୍ଦ ସୂଚନା ପ୍ରଦାନ କରିଛନ୍ତି।

# ବିଜେଡିରେ ମିଶିଲେ ୫୦ରୁ ଉର୍ଦ୍ଧ୍ୱ ଅନ୍ୟ ଦଳର କର୍ମୀ




କପ୍ତିପଦା, ୧୮ ।୫(ସମିସ): ପ୍ତିପଦା ବ୍ଲକ ଜାମବଣି ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ବିଜେପି ଏବଂ ଜେଏମ୍ଏମ୍‌ର କର୍ମୀ ଦଳ ଛାଡି ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ମଳ ଶାସନ, ନୀତି, ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ଯୋଗଦେଇଥିବା ନୂତନ କର୍ମୀମାନେ ପ୍ରକାଶ କରିଛନ୍ତି। ଆଗାମ ଦିନରେ ନବୀନ ବାବୁଙ୍କ ହାତମୁଠାକୁ ଟାଣ କରିବାକୁ ଶପଥ ନେଇଛନ୍ତି। ଉଦଳା ନିର୍ବାଚନ ମଣ୍ଡଳୀ କାର୍ଯ୍ୟାଳୟ ଉଦଳାଠାରେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ ଓ ଶତାଧିକ ବିଜେଡି କର୍ମକର୍ତ୍ତାଙ୍କ ଉପସ୍ଥିତରେ ୫୦ରୁ ଅଧିକ ଅନ୍ୟ ଦଳର କର୍ମୀ ଯୋଗଦେଇଥିଲେ।

## ରାଇରଙ୍ଗପୁର ମୁଖ୍ୟ ଡାକ୍ତରଖାନା

# ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ରାଇରଙ୍ଗପୁର, ୧୮ ।୫(ସମିସ): ବାମନଘାଟୀ ଉପଖଣ୍ଡ ଅନ୍ତର୍ଗତ ରାଇରଙ୍ଗପୁର ମୁଖ୍ୟ ଡାକ୍ତରଖାନାରେ ଏକ ଘରୋଇ ଏଜେନ୍ସି ଦ୍ୱାରା କାର୍ଯ୍ୟରତ ସଫେଇ କର୍ମଚାରୀମାନେ ବିଭିନ୍ନ ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ଦୀର୍ଘମାସ ହେଲା ଉକ୍ତ କଂପାନୀ କର୍ମଚାରୀଙ୍କ ଦରମା ସହିତ ପିଏଫ୍ ଏବଂ ଇଏସଆଇ ବାବଦରେ କାଟୁଥିଲେ ମଧ୍ୟ ସେମାନଙ୍କୁ ଏ ନେଇ କୌଣସି ଅବଗତ କରାଯାଉ ନଥିବା ଅଭିଯୋଗ କରିଛନ୍ତି। କର୍ମଚାରୀଙ୍କୁ ପ୍ରତ୍ୟେକ ମାସରେ ଦରମା ଠିକ୍ ସମୟରେ ମିଳୁନାହିଁ। ଯଦ୍ୱାରା କର୍ମଚାରୀମାନେ ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଉପଖଣ୍ଡ ଚିକିତ୍ସାଳୟରେ କାର୍ଯ୍ୟରତ ସଫେଇ କର୍ମଚାରୀମାନେ ଏକ ଦାବିପତ୍ର ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସା ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ, କର୍ମଚାରୀଙ୍କ ଦରମାରେ ଅନିୟମିତତା ଯୋଗୁଁ ପରିବାର ଭରଣପୋଷଣ ଓ ସାଧାରଣ ଜୀବନଯାପନରେ ବ୍ୟାଘାତ ଦେଖାଯାଇଛି। ଏହାର ପ୍ରତିବାଦ ଜଣାଇ ଶନିବାର ସକାଳରୁ ସଫେଇ କର୍ମଚାରୀ କାର୍ଯ୍ୟବନ୍ଦ କରିଥିଲେ। ସଫେଇ କାର୍ଯ୍ୟ ବନ୍ଦ ଯୋଗୁଁ ଡାକ୍ତରଖାନା ପରିସରରେ ଅଳିଆ ଆବର୍ଜନା ପଡ଼ି ରହିଥିଲା। କର୍ମଚାରୀମାନେ ଡାକ୍ତରଖାନା ସମ୍ମୁଖରେ ଧାରଣାରେ ବସି ବିକ୍ଷୋଭ ମଧ୍ୟ କରିଥିଲେ। ଫଳରେ ଦୀର୍ଘ ସମୟ ପର୍ଯ୍ୟନ୍ତ ସଫେଇ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଏହା ପରେ ସମ୍ପୃକ୍ତ ଏଜେନ୍ସି ସଂସ୍ଥା କର୍ମଚାରୀଙ୍କୁ ଦରମା ଦେବା ପରେ କର୍ମଚାରୀମାନେ ଆନ୍ଦୋଳନରୁ ଓହରିଥିଲେ। ଏହି ଆନ୍ଦୋଳନରେ କୁନା କାରୁଆ, ଛୋଟ ବେହେରା, ସମିର ମହାନ୍ତ, ଶରତ ବେହେରା, ବିକାଶ ବେହେରା, ସରସ୍ୱତୀ ଲୋହାର, ପୁଟୁ କାରୁଆ, ଜଳେନ୍ଦ୍ର ମୁଖି, ମନୋରଞ୍ଜନ ବେହେରା, ରାଜକୁମାର ବେହେରା, ଅନିଲ କୁମାର ମହାନ୍ତ, ଅକ୍ଷୟ କାରୁଆ, ବୁଧୁରାମ ମାହାଲି, ଟୁଲୁ ମୁଖି, ଚନ୍ଦ୍ରକାନ୍ତ ପାତ୍ର, ବାଦ ସୋରେନ, ସାଲ ସୋରେନ, ଗଣେଶ ମୁଖୀ ପ୍ରମୁଖ କର୍ମଚାରୀ ସାମିଲ ହୋଇଥିଲେ।



# ରେଙ୍ଗାଲବେଡ଼ାରେ ବିଜେଡିର ନିର୍ବାଚନୀ ବୈଠକ



ରାଇରଙ୍ଗପୁର/ତିରିଂ, ୧୮ ।୫(ସମିସ): ତିରିଂ ବ୍ଲକ ଅଞ୍ଚଳରେ ବିଜୁ ଜନତା ଦଳର ମାରାଥନ ପ୍ରଚାର ଚାଲିଛି। ଏହି କ୍ରମରେ ଶନିବାର ରେଙ୍ଗାଲବେଡା ଗାଁରେ ଗ୍ରାମବାସୀଙ୍କୁ ନେଇ ବିଜେଡି ପକ୍ଷରୁ ଏକ ବୈଠକ ଆୟୋଜିତ ହୋଇଥିଲା। ବୈଠକରେ ବିଜେଡି ଲୋକସଭା ପ୍ରାର୍ଥୀ ସୁଦାମ ମାରାଣ୍ଡି ଏବଂ ରାଇରଙ୍ଗପୁର ବିଧାନସଭା ପ୍ରାର୍ଥୀ ରାଇସେନ ମୁର୍ମୁଙ୍କୁ ସମର୍ଥନ କରି ତାଙ୍କୁ ବିପୁଳ ଭୋଟରେ ଜିତାଇବା ପାଇଁ ଆଲୋଚନା କରାଯାଇଥିଲା। ଏଥି ସହିତ ଆଗାମୀ ନିର୍ବାଚନରେ ମଧ୍ୟ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପୁଣି ଥରେ ମୁଖ୍ୟମନ୍ତ୍ରୀ କରିବା ପାଇଁ ବିଜେଡି କର୍ମୀ ଓ ଗ୍ରାମବାସୀମାନେ ସାମୂହିକ ଭାବେ ଶପଥ ନେଇଥିଲେ। ଏହି କର୍ଯ୍ୟକ୍ରମରେ ୨୧ ନଂ. ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ଜନତା ବସା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ରୁବି ମହାକୁଡ଼, ତିରିଂ ବ୍ଲକ ବିଜୁ ଜନତା ଦଳର ସଭାପତି କାପୁରା ମୁର୍ମୁ, ରେଙ୍ଗାଲବେଡ଼ା ସରପଞ୍ଚ ଦେବେଶ ମାଝୀ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ବେତନଟୀ କଲେଜର ରୋଭର୍ସ ଆଣ୍ଡ ରେଞ୍ଜର୍ସର ସଫଳତା



ବେତନଟୀ, ୧୮ ।୫(ସମିସ): ବେତନଟୀ କଲେଜର ରୋଭର୍ସ ଏଣ୍ଡ ରେଞ୍ଜର୍ସ ଶାଖା ପକ୍ଷରୁ ବର୍ଷତମାମ କରାଯାଇଥିବା ବିଭିନ୍ନ ଗଠନମୂଳକ କାର୍ଯ୍ୟକ୍ରମ ପାଇଁ ସଫଳତା ମିଳିଥିବା ବେଳେ ମହାମହିମ ରାଜ୍ୟପାଳ ରଘୁବର ଦାସ ଏବଂ ଅନ୍ୟାନ୍ୟ ପଦସ୍ଥ ଅତିଥିଅଧିକାରୀଙ୍କଠାରୁ ରାସଜ୍ୟସ୍ତରୀୟ ପୁରସ୍କାର ଗ୍ରହଣ କରିଛନ୍ତି। ରୋଭର୍ସ ଲିଡର ଅଧ୍ୟାପକ ସନ୍ଦୀପ ଡୁଙ୍ଗଡୁଙ୍ଗ ଏବଂ ରେଞ୍ଜର୍ସ ଲିଡର ଅଧ୍ୟାପିକା ତରୁଲତା ମଲ୍ଲିକଙ୍କ ମାର୍ଗଦର୍ଶନରେ ରୋଭର୍ସ ଏଣ୍ଡ ରେଞ୍ଜର୍ସ ବେତନଟୀ କଲେଜରେ ବହୁବିଧ କାର୍ଯ୍ୟ ହାତକୁ ନେଇଥିବା ବେଳେ ଗଠନମୂଳକ ତଥା ସଚେତନତାମୂଳକ ପଦକ୍ଷେପ ପାଇଁ ଅନେକ ପ୍ରଶଂସା ସାଉଟିଛନ୍ତି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରଠାରେ ଗତ ୧୪ତାରିଖରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମହାମହିମ ରାଜ୍ୟପାଳ ରଘୁବର ଦାସ ଏବଂ ଭାରତ ସ୍କାଉଟ ଏଣ୍ଡ ଗାଇଡ୍ସର ଉପସଭାପତି ଡ. କାଳୀଚରଣ ମିଶ୍ର ପ୍ରମୁଖ ଅତିଥିଅଧିକାରୀଗଣ ବେତନଟୀ କଲେଜର ରୋଭର୍ସ ଜନ୍ମେଞ୍ଜୟ ବେହେରା, ପ୍ରିୟାଂଶୁ ଲେଙ୍କା, ରେଞ୍ଜର୍ସ ସୁଲିପ୍ତା ପାତ୍ର, ପ୍ରଜ୍ଞାପାରମିତା ଜେନାଙ୍କୁ ପୁରସ୍କୃତ କରିଛନ୍ତି। କଲେଜ ଗଭର୍ଣ୍ଣିଂବଡି ସଭାପତି ପ୍ରାକ୍ତନ ପ୍ରାଧାପକ ଅଲେଖ କୁମାର ବିଶ୍ୱାଳ ମଧ୍ୟ ରୋଭର୍ସ ଏଣ୍ଡ ରେଞ୍ଜର୍ସର ଏହି ସଫଳତାକୁ ନେଇ ପ୍ରଶଂସା କରିବା ସହିତ ଅଭିନନ୍ଦନ ଜଣାଇଛନ୍ତି।

## ଜଳକଷ୍ଟ ଭୋଗୁଛନ୍ତି କରକଟିଆ ବାସିନ୍ଦା

# ଅଭିଯୋଗ କଲେ ବି ଶୁଣୁନି ପ୍ରଶାସନ; ଭୋଟ ବର୍ଜନ ନିଷ୍ପତ୍ତି

ରାଇରଙ୍ଗପୁର, ୧୮ ।୫(ସମିସ): ପ୍ରତି ଗାଁକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ପ୍ରକଳ୍ପ ନିର୍ମାଣ କରୁଛନ୍ତି; ହେଲେ ବିଭାଗୀୟ ଅଧିକାରୀ ଏବଂ ଜନ ପ୍ରତିନିଧିଙ୍କ ଅବହେଳାରୁ ସରକାରୀ ଯୋଜନାର ଲୋକେ ସୁଫଳ ପାଇପାରୁନାହାନ୍ତି। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ବିଜାତଳା ବ୍ଲକ ବଣକାଟି ପଞ୍ଚି କରକଟିଆ ଗାଁରେ। ଏହି ଗ୍ରାମର ଲୋକେ ପାଣି ପାଇ ତହକବିକଳ ହେଉଛନ୍ତି। ଏହି ଗାଁରେ ୨୦ରୁ ଉର୍ଦ୍ଧ୍ୱ ନଳକୂପ ରହିଛି; କିନ୍ତୁ ମାତ୍ର ୩ଟି କାମ କରୁଥିବାବେଳେ ସେଥିରୁ ଦୂଷିତ ପାଣି ବାହାରୁଛି। ଏ ନେଇ ଗ୍ରାମବାସୀ ବହୁବାର ସରପଞ୍ଚ, ବିଜାତଳା ବିଡ଼ିଓ, ରାଇରଙ୍ଗପୁର ଉପଜିଲ୍ଲାପାଳ ସହିତ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ହେଲେ ଆଜିଯାଏ ସମସ୍ୟା ସମାଧାନ ହୋଇପାରିନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ତେଣୁ ସମସ୍ୟା ସମାଧାନ ନ ହେଲେ ଆଗାମୀ ନିର୍ବାଚନରେ ଗ୍ରାମବାସୀ ଭୋଟ ବର୍ଜନ କରିବା ସହିତ କୌଣସି ରାଜନୈତିକ ଦଳକୁ ପ୍ରଚାର କରିବା ନିମନ୍ତେ ଗାଁରେ ପଶିବାକୁ ଦେବେ ନାହିଁ ବୋଲି ଲୋକ କହିଛନ୍ତି। ଏହି ଗାଁ ୩ଟି ୱାର୍ଡକୁ ନେଇ ଗଠିତ। ଭୋଟର ସଂଖ୍ୟା ୧୧୩୨। ଗାଁରେ ଟାଙ୍ଗିସାହି, ସ୍କୁଲ ସାହି, ମୁରୁମ ସାହି, ଲୁଡି ସାହି, ପ୍ରଧାନ ସାହି, ସୋସୋ ସାହି ତଥା କେରୋ ସାହି ରହିଛି। ପୂର୍ବରୁ ଏହି ଗାଁରେ ୨୦ଟି ନଳକୂପ ସ୍ଥାପନ କରାଯାଇଥିଲା। ସେଥିରୁ ୩ଟି କାର୍ଯ୍ୟକ୍ଷମ; ହେଲେ ସେଥିରୁ ମଇଳା ପାଣି ବାହାରୁଥିବାରୁ ତାହା ବ୍ୟବହାରଯୋଗ୍ୟ ହୋଇପାରୁନାହିଁ। ଚଳିତ ବର୍ଷ ଗାଁରେ ଏକ ସୋଲାର ପାନୀୟ ଜଳ ୟୁନିଟ ନିର୍ମାଣ ଆରମ୍ଭ କରାଯାଇଥିଲା। ହେଲେ ତାହା ଅଧାରେ ରହିଛି। ତେଣୁ ଜଳସମସ୍ୟା ଆଜିଯାଏ ସମାଧାନ ହୋଇପାରିନଥିବାରୁ ଲୋକେ ଦୀର୍ଘବର୍ଷ ହେଲା ଜଳକଷ୍ଟ ଭୋଗୁଛନ୍ତି। କିଛି ଦିନ ପୂର୍ବରୁ କରକଟିଆ ଗ୍ରାମବାସୀ ବିଜାତଳା ବିଡ଼ିଓ ସହିତ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗଙ୍କୁ ଲିଖିତ ଅଭିଯୋଗ କରିଥିଲେ; କିନ୍ତୁ କିଛି ଫଳ ମିଳିନାହିଁ। ଏ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଗଣେଶ୍ୱର ସିଂଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।





### ଗ୍ରାମବାସୀଙ୍କ ପ୍ରତିକ୍ରିୟା......



ଆମେ ଦୀର୍ଘ ବର୍ଷହେଲା ପାନୀୟ ଜଳ ସମସ୍ୟାରେ ରହିଛୁ। ଗାଁରେ ଅନେକ ନଳକୂପ ରହିଛି; କିନ୍ତୁ ସବୁ ଅଚଳ। ସମସ୍ତ ଗ୍ରାମବାସୀ ପାନୀୟ ଜଳ ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛୁ।
- ଦୁର୍ଗାଚରଣ ମୁର୍ମୁ, ୱାର୍ଡ ମେମ୍ବର



ଗାଁରେ ପାନୀୟ ଜଳର ବହୁତ ସମସ୍ୟା ରହିଛି। ଅନେକ ଥର ଅଭିଯୋଗ ପରେ ଗାଁରେ ଏକ ସୋଲାର ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ତାହା ମଧ୍ୟ ଅଧପନ୍ତରିଆ ହୋଇରହିଛି। କେହି ଆମ ଦୁଃଖ ବୁଝୁ ନାହାନ୍ତି। ତେଣୁ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବା ପାଇଁ ଗ୍ରାମବାସୀ ନିଷ୍ପତ୍ତି ନେଇଛୁ।
-ଲକ୍ଷ୍ମୀଧର ମାରାଣ୍ଡି, ଟାଙ୍ଗିସାହି,



ଗାଁରେ ପାଣି ପାଇଁ ହଇରାଣ ହେଉଛୁ। ପାନୀୟ ଜଳ ସମସ୍ୟା ସମ୍ପର୍କରେ ବିଜାତଳା ବିଡ଼ିଓ ତଥା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗକୁ ଅନେକ ଥର ଅଭିଯୋଗ କରାଯାଇଛି। ହେଲେ କେହି ଶୁଣୁ ନାହାନ୍ତି। ତେଣୁ ଗାଁରେ ପାନୀୟ ଜଳ ସମସ୍ୟା ଦୂର କରିବା ଆବଶ୍ୟକ।
- ପାଲୁ ହାଁସଦା, କରକଟିଆ

# ଆଜି କେନ୍ଦୁଝର ଆସିବେ ମୁଖ୍ୟମନ୍ତ୍ରୀ

## କେନ୍ଦୁଝରର ସିଲିସୁଆଁ ଓ ହାଟଡିହିର ଅଣାରେ ନିର୍ବାଚନୀ ସଭା

**କେନ୍ଦୁଝର/ହାଟଡିହୀ/ଆନନ୍ଦପୁର,୧୮।୫(ସମିସ)**



ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିନିକିଆ କେନ୍ଦୁଝରକୁ ନିର୍ବାଚନୀ ଗସ୍ତରେ ଆସୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ନେଇ ବିଜେଡି କର୍ମୀମାନଙ୍କର ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଛି। ଆସନ୍ତା ୨୫ ତାରିଖରେ କେନ୍ଦୁଝର ଲୋକସଭା ଆସନ ଓ ଏହା ଅଧୀନ ସମସ୍ତ ବିଧାନସଭା ଆସନରେ ନିର୍ବାଚନ ହେବ। ମୁଖମନ୍ତ୍ରୀ ଏହି ଗସ୍ତ ସମୟରେ କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀ ଏବଂ ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ ନିର୍ବାଚନୀ ସଭାରେ ଯୋଗଦେବେ ବୋଲି ସୂଚନା ମିଳୁଛି।

ସୂଚନା ଅନୁସାରେ ମୁଖ୍ୟମନ୍ତ୍ରୀ ୧୯ ତାରିଖ ରବିବାର ସକାଳ ଗୋପୀନାଥପୁର ପଞ୍ଚାୟତର ସିଲିସୁଆଁ ଫୁଟବଲ ପଡିଆରେ ଉପସ୍ଥିତ ବିଶାଳ ଜନସମାଗମକୁ ଉଦ୍‌ବୋଧନ ଦେବେ। ସଭାସ୍ଥଳରେ ବିଜେଡି ପ୍ରାର୍ଥୀମାନଙ୍କ ନିମନ୍ତେ ଭୋଟ ଭିକ୍ଷା କରିବେ। ପରେ ସେଠାରୁ ଯାଇ ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ହାଟଡିହୀର ଅଣା ଖେଳ ପଡିଆରେ ଉପସ୍ଥିତ ବିଶାଳ ଜନସମାଗମରେ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କର ଏହି ଗସ୍ତକୁ ଲକ୍ଷ ରଖି ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସିଲିସୁଆଁ ଖେଳ ପଡିଆରେ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ରହିଛି। ଖରାକୁ ଆଖି ଆଗରେ ରଖି ସମସ୍ତ ବ୍ୟବସ୍ଥା ପ୍ରତି ଧ୍ୟାନ ଦିଆଯାଇଛି। ହାଟଡିହୀରେ ବିଧାୟକ ପ୍ରାର୍ଥୀ ଅଭିମନ୍ୟୁ ସେଠୀଙ୍କ ସଂଯୋଜନା ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟେକଟି କାର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯାଉଛି। ବିଜେଡିର ଯୁବ ଓ ବରିଷ୍ଠ ନେତାଙ୍କ ମଧ୍ୟରେ ମାର୍କଣ୍ଡ ଓଝା, ବୀରେନ୍ଦ୍ର ବିଶ୍ୱାଳ, ରବିନ୍ଦ୍ର ନାୟକ, ବିଜୟ ରାଉତ, ବୈଦ୍ୟନାଥ ସାମଲ, ଚିନ୍ମୟ ନାୟକ, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ହାଟଡ଼ିହୀ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଉପାଧ୍ୟକ୍ଷ ରତିକାନ୍ତ ରାଉତ, ସୁରେନ୍ଦ୍ର ଜେନା ପ୍ରମୁଖଙ୍କ ସହଯୋଗରେ ପ୍ରସ୍ତୁତି କାର୍ଯ୍ୟ ଚାଲିଛି। ବିଶେଷ କରି ମହିଳାଙ୍କ ସୁରକ୍ଷା ପାଇଁ ବସିବା ନିମନ୍ତେ ସ୍ଥାନଟିକୁ ଛାଉଣୀ କରିବା ସହ ପାନୀୟଜଳର ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି।

ଅନ୍ୟପକ୍ଷରେ ଆସନ୍ତା ୨୧ ତାରିଖରେ ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ କେନ୍ଦୁଝରକୁ ଦିନିକିଆ ଗସ୍ତରେ ଆସି ଜିଲ୍ଲାର ୪ଟି ନିର୍ବାଚନ ମଣ୍ଡଳୀରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ସୂଚନା ଅନୁସାରେ ପ୍ରଥମେ ସେ ଚମ୍ପୁଆ ନେହରୁ ଷ୍ଟାଡିୟମରେ ନିର୍ବାଚନୀ ସଭାକୁ ସମ୍ବୋଧନ କରିବେ। ତା'ପରେ ପାଟଣା ନିର୍ବାଚନ ମଣ୍ଡଳୀର ସାହାରପଡ଼ାରେ ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେବେ। ପରେ ପୁଣି ତେଲକୋଇ ନିର୍ବାଚନ ମଣ୍ଡଳୀର କଲେଜ ପଡିଆରେ ଉପସ୍ଥିତ ବିଶାଳ ଜନତାଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ସେହିଦିନ ଅପରାହ୍ନରେ ଘସିପୁରା ନିର୍ବାଚନ ମଣ୍ଡଳୀର ସାଇଁକୁଳରେ ଜନତାଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି।

## ବିଜୁ ଜନତା ଦଳର ମହିଳା ସମ୍ମିଳନୀ



**ଆନନ୍ଦପୁର,୧୮।୫(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ଗଡ଼ବାନ୍ଧଗୋଡ଼ା ପଞ୍ଚାୟତର ଭଣ୍ଡାରୀପଡ଼ା ଓ ଅଳତୀ ପଞ୍ଚାୟତର ବେଲସୁନ୍ଦରୀ ଠାରେ ବିଜୁ ଜନତା ଦଳର ମହିଳା କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ବିଧାୟକ ବଦ୍ରି ନାରାୟଣ ପାତ୍ର ଯୋଗ ଦେଇ ମହିଳା ସଶକ୍ତିକରଣ ତଥା ମହିଳା ସ୍ୱାବଲମ୍ବୀ ପାଇଁ ମୁଖ୍ୟମନ୍ତ୍ରୀ ସର୍ବଦା ପ୍ରୟାସ ଜାରି ରଖିଥିବା ବେଳେ ଆଗାମୀ ଦିନରେ ଅନେକ ନୂଆ ଯୋଜନା ଉପଲବ୍ଧ ହେବା ନେଇ ସୂଚନା ଦେଇଥିଲେ। ଏଥିସହ ଘରକୁ ଘର ବୁଲି ପ୍ରତ୍ୟେକ ପରିବାରଙ୍କୁ ଭେଟି ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟ ସଞ୍ଜୟ ମଲିକ, ଗଡବାନ୍ଧଗୋଡା ସରପନଚ ଶଶୀକାନ୍ତ ଜେନା, ପୂର୍ବତନ ସମିତିସଭ୍ୟ ଭରତ ଭୂଷଣ ନାୟକ, ବରିଷ୍ଠ ବିଜେଡି ନେତା ଜୟନ୍ତ ବିଶ୍ୱାଳଙ୍କ ସମେତ ଶତାଧିକ ମହିଳା ଯୋଗ ଦେଇଥିଲେ।

## କୋଡ଼ପଡ଼ାରେ ଅଭିମନ୍ୟୁଙ୍କ ପଥପ୍ରାନ୍ତ ସଭା

**ଆନନ୍ଦପୁର,୧୮।୫(ସମିସ):** ଆନନ୍ଦପୁର ନିର୍ବାଚନମଣ୍ଡଳୀର କୋଡପଡା ପଞ୍ଚାୟତରେ ବିଜୁ ଜନତା ଦଳର ବାଇକ୍ ଶୋଭାଯାତ୍ରା ଓ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ବିଜେଡି ଯୁବନେତା ରାମଚନ୍ଦ୍ର ରଣାଙ୍କ ତତ୍ତ୍ୱାବଧାନରେ କୋଡପଡା ପଞ୍ଚାୟତର ବିଜୁ ଜନତା ଦଳର ଯୁବଗୋଷ୍ଠୀମାନେ ଏକ ବିରାଟ ବାଇକ୍ ଶୋଭାଯାତ୍ରାରେ ପଞ୍ଚାୟତର ବିଭିନ୍ନ ଗାଁ, ସାହି ବସ୍ତି ପରିକ୍ରମା କରି ବିଜୁ ଜନତା ଦଳର ବିକାଶମୂଳକ କାର୍ଯ୍ୟକ୍ରମକୁ ପ୍ରଚାର କରିଥିଲେ। ଏହି ବାଇକ୍ ଶୋଭାଯାତ୍ରାରେ ବିଜୁ ଜନତା ଦଳର ବିଧାନସଭା ପ୍ରାର୍ଥୀ ଅଭିମନ୍ୟୁ ସେଠୀ ସାମିଲ ହୋଇ ଭୋଟରମାନଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି ଅବସରରେ କୋଡପଡା, ଜୋରାଗଡିଆ, ଭୋଗପୁର, ଗୋଳାବନ୍ଧ, ଗୋହିରାବଣି, ରତୁଆଁ, ତନେଇପାଳ, ଗଉଡଡିହା, ବେଲଡିହା ଗ୍ରାମରେ ଆୟୋଜିତ ପଥପ୍ରାନ୍ତ ସଭାରେ ବିଧାୟକ ଶ୍ରୀ ପାତ୍ର ଓଡିଶାର ବିକାଶରେ ସହାୟକ ହେବା ପାଇଁ ବିଜୁ ଜନତା ଦଳକୁ ସହ ଯୋଗ କରନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ଏହି ଶୋଭାଯାତ୍ରାକୁ ସୋମନାଥ ମିଶ୍ର, ମମତାବାଳା ତ୍ରିପାଠୀ, ଟୁନି ରଣା, ଶ୍ୟାମସୁନ୍ଦର ସାହୁ, ରଞ୍ଜନ କୁମାର ବାରିକ, ରମେଶ ଚନ୍ଦ୍ର ଓଝା, ସୁବାସ ଚନ୍ଦ୍ର ବାରିକ, କାର୍ତ୍ତିକ ସା, ଦେବେନ୍ଦ୍ର ବାରିକ, ସୁଦର୍ଶନ ସା, ଲକ୍ଷ୍ମଣ କୁମାର ଓଝା, ରଞ୍ଜନ କୁମାର ସାହୁ, ସୁଦର୍ଶନ ସା, ଚନ୍ଦନ ରଣା, ମାୟାଧର ସାହୁ, ଦିଲୀପ କୁମାର ଓଝା, ଚେମା ପଲେଇ, ମିଲୁ ପଲେଇ, ରଥ ପଲେଇ, ରାମଚନ୍ଦ୍ର ପଲେଇ, ରଞ୍ଜନ କୁମାର ସିଂ, ଜଗା ନାଇକ, ମାୟାଧର ମହାନ୍ତ, ଦୀନବନ୍ଧୁ ମହାନ୍ତ, ଗଣେଶ ହୋ, ଗଣେଶଚନ୍ଦ୍ର ସା, ଅଶୋକ ବାରିକ ପ୍ରମୁଖ ପରିଚାଳନା କରିଥିଲେ।



## ଟାଙ୍ଗର ଚୋରି ଘଟଣାରେ ଜଣେ ଗିରଫ

**ଆନନ୍ଦପୁର,୧୮।୫(ସମିସ):** ଆନନ୍ଦପୁର ଥାନା ଅନ୍ତର୍ଗତ ଟାଙ୍ଗର ଗ୍ରାମର ଚୋରି ଘଟଣାରେ ପୋଲିସ ଅଭିଯୁକ୍ତ ରଞ୍ଜନ ପାତ୍ରକୁ ଗିରଫ କରି ଆନନ୍ଦପୁର କୋର୍ଟଚାଲାଣ କରିଛି। ସୋସୋ ଥାନା ଅନ୍ତର୍ଗତ ଠୁଣିଗାଁ ଗ୍ରାମର ରବି ପାତ୍ରଙ୍କ ପୁଅ ରଞ୍ଜନ ଟାଙ୍ଗର ଗ୍ରାମର ସମ୍ପର୍କୀୟ ବନ୍ଧୁ ଘରକୁ ଆସିଥିଲେ। ଗତ ୧୬ ତାରିଖ ରାତିରେ ଟାଙ୍ଗର ବଜାରରେ ଥିବା ଏକ ଡ୍ରେସ୍ ଦୋକାନ ତାଲା ଭାଙ୍ଗି ମୂଲ୍ୟବାନ ଶାଢ଼ି ଓ କେତେକ ଡ୍ରେସ୍ ଲୁଟି ନେଇଥିଲେ। ଏନେଇ ଥାନାରେ ଅଭିଯୋଗ ହେବାରୁ ଆନନ୍ଦପୁର ଥାନା ଏଏସ୍‌ଆଇ ଦିପ୍ତିରଞ୍ଜନ ଗିରି ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅଭିଯୁକ୍ତ ରଞ୍ଜନକୁ ଗିରଫ କରିଥିବା ଜଣାଯାଇଛି।

### ● ରତୁଆଁରେ ମଦ କାରଖାନା ଠାବ

## ୧୫୦ ଲିଟର ମହୁଲିମଦ ଜବତ



**ଆନନ୍ଦପୁର,୧୮।୫(ସମିସ):** ଆନନ୍ଦପୁର ଥାନାର ବିଭିନ୍ନ ସ୍ଥାନରେ ପୁଲିସ ଓ ଅବକାରୀ ବିଭାଗର ମିଳିତ ଚଢ଼ଉ କରାଯାଇ ବ୍ୟାପକ ଦେଶୀ ମଦ ଜବତ କରାଯାଇଛି। ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଓ ଆନନ୍ଦପୁର ଅବକାରୀ ବିଭାଗ ସହଯୋଗରେ ଆନନ୍ଦପୁର ଥାନା ଅଞ୍ଚଳର ରତୁଆଁ ଗ୍ରାମରେ ଚାଲିଥିବା ଏକ ବେଆଇନ ମଦ ପ୍ରସ୍ତୁତି ଆଡ୍ଡା ଉପରେ ଚଢ଼ଉ କରାଯାଇଥିଲା। ମଦ ପ୍ରସ୍ତୁତି ପାଇଁ ରଖାଯାଇଥିବା ମହୁଲପୋଚ ନଷ୍ଟ କରିବା ସହିତ ୧୫୦ ଲିଟର ମହୁଲି ମଦ ଜବତ କରିଥିଲେ। ଏହି ଚଢ଼ଉରେ ଆନନ୍ଦପୁର ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ, ଆନନ୍ଦପୁର ଅବକାରୀ ଇନ୍ସପେକ୍ଟର ଅଭିରାମ ବେହେରା, ଏସ୍‌ଆଇ ବଟକୃଷ୍ଣ ରାଉଳଙ୍କ ସମେତ ଅବକାରୀ କର୍ମଚାରୀମାନେ ସହଯୋଗ କରିଥିଲେ।

## ଆନନ୍ଦପୁର ଆଦର୍ଶ ବିଦ୍ୟାଳୟର ଶତପ୍ରତିଶତ ସଫଳତା



**ଆନନ୍ଦପୁର,୧୮।୫(ସମିସ):** ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳରେ ଶାଳପଡାସ୍ଥିତ ଆନନ୍ଦପୁର ଆଦର୍ଶ ବିଦ୍ୟାଳୟ ଶତ ପ୍ରତିଶତ ସଫଳତା ହାସଲ କରିଛି। ଚଳିତ ବର୍ଷ ଦଶମ ଶ୍ରେଣୀରେ ବିଦ୍ୟାଳୟର ମୋଟ ୬୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସମସ୍ତ ଛାତ୍ରଛାତ୍ରୀ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫୮ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧୭ ଜଣ ଛାତ୍ରଛାତ୍ରୀ ୯୦ ଶତକଡାରୁ ଉଦ୍ଧ୍ୱର୍ ନମ୍ବର ରଖିଛନ୍ତି। ସେମାନଙ୍କ ମଧ୍ୟରୁ ଛାତ୍ର ପ୍ରତ୍ୟୁଷ ସାହୁ ୯୭.୨୦ ପ୍ରତିଶତ ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀରେ ମୋଟ ୫୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ୫୫ ଜଣ ଛାତ୍ରଛାତ୍ରୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବାରୁ ପାସ୍ ହାର ଶତକଡା ୯୩.୨୨ ପ୍ରତିଶତ ରହିଛି। ସେମାନଙ୍କ ମଧ୍ୟରୁ ୪୮ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୭ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଉଦ୍ଧ୍ୱର୍ ନମ୍ବର ରଖିଛନ୍ତି। ଛାତ୍ରୀ ଲୋଭାଶ୍ରୀ ବେହେରା ୯୬.୬୦ ପ୍ରତିଶତ ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସେହିପରି ବାଣିଜ୍ୟ ବିଭାଗରେ ମଧ୍ୟ ଶତ ପ୍ରତିଶତ ପରୀକ୍ଷା ଫଳ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସୌମ୍ୟରଞ୍ଜନ ବେହେରା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଚୋରାମଦ ରୋକିବାକୁ ଚଢ଼ଉ; ଜଣେ ଗିରଫ

**ତେଲକୋଇ,୧୮।୫(ସମିସ):** ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ତେଲକୋଇ ପୁଲିସ ପକ୍ଷରୁ ଚୋରାମଦ କାରବାର ଉପରେ ଅଙ୍କୁଶ ଲଗାଇବା ପାଇଁ ବ୍ୟାପକ ଚଢ଼ଉ କରାଯାଉଛି। ନିର୍ବାଚନ ସମୟରେ ମଦ ଚୋରା କାରବାର ବଢ଼ିବାରେ ସମ୍ଭାବନା ରହିଥିବା ବେଳେ ତେଲକୋଇ ଥାନା ଆଇଆଇସି ସରୋଜ କାନ୍ତ ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶନିବାର ଚଢ଼ଉ କରାଯାଇ ଜଣଙ୍କୁ ଗିରଫ କରିବା ସହ ୩୦ଲିଟର ମହୁଲି ମଦ ଜବତ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ପଡ଼ାଙ୍ଗ ଗ୍ରାମର କୈଳାସ ଚନ୍ଦ୍ର ସାହୁ (୪୦)। ସେହିପରି ଖୁଣ୍ଟାପଡ଼ା ପଞ୍ଚାୟତ କୁଲାଡେରା ଅଞ୍ଚଳରେ ବେଆଇନ ମହୁଲି ଭାଟି ଭାଙ୍ଗି ନଷ୍ଟ କରିବା ସହ ୧ହଜାର କେଜି ମହୁଲ ପୋଚ ନଷ୍ଟ କରିଛି।



## ବିଜେଡିରେ ସାମିଲ ହେଲେ ୭୦ରୁ ଊର୍ଦ୍ଧ୍ୱ ବିଜେପି ଓ କଂଗ୍ରେସ କର୍ମୀ



**କେନ୍ଦୁଝର,୧୮।୫(ସମିସ):** କେନ୍ଦୁଝର ସଦର ବ୍ଲକ ବାଉରିପଦା ପଞ୍ଚାୟତର ୭୦ରୁ ଊର୍ଦ୍ଧ୍ୱ ବିଜେପି ଓ କଂଗ୍ରେସ କର୍ମୀ ବିଜୁ ଜନତା ଦଳରେ ସାମିଲ୍ ହୋଇଛନ୍ତି। ଉକ୍ତ ପଞ୍ଚାୟତର ବିଭିନ୍ନ ସାମାଜିକ କାର୍ଯ୍ୟ ଓ ବିକାଶଧାରରେ ଜଡିତ ହୋଇ ଆସିଥିବା ଏହି କର୍ମୀମାନେ ବିଜେଡି ଜିଲ୍ଲା କାର୍ଯ୍ୟାଳୟ ପରିସରରେ ପହଞ୍ଚିବା ପରେ ରାଜ୍ୟ ଯୁବ ବିଜେଡିର ଉପସଭାପତି ସୌମ୍ୟ ଶଙ୍କର ଚକ୍ର ଏବଂ ପୂର୍ବତନ ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ ସେମାନଙ୍କୁ ପାଛୋଟି ନେଇଥିଲେ। କାର୍ଯ୍ୟାଳୟ ପରିସରସ୍ଥ ନିର୍ବାଚନୀ ମଞ୍ଚରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ଶ୍ରୀ ଚକ୍ର ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ ବିଜୁ ଜନତା ଦଳର ନୀତି, ଆଦର୍ଶ ଓ ଜନକଲ୍ୟାଣ କାର୍ଯ୍ୟପ୍ରତି ସମର୍ପଣ ଭାବ ପୋଷଣ କରି ସମସ୍ତେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଆନନ୍ଦ ଉତ୍ସାହ ମଧ୍ୟରେ ଆୟୋଜିତ ଏହି ମିଶ୍ରଣ କାର୍ଯ୍ୟକ୍ରମ ପରେ ବାଉରିପଦା ପଞ୍ଚାୟତରେ ବିଜେଡିର ଶକ୍ତି ବୃଦ୍ଧି ସହ ଦଳର ବିଜୟ ଅଭିଯାନ ପ୍ରତି ଆଶୀର୍ବାଦ ସୃଷ୍ଟି କରିଛି ବୋଲି ଶ୍ରୀ ଚକ୍ର ପ୍ରକାଶ କରିଛନ୍ତି।

## ଚମ୍ପୁଆରେ ଖୋଲିଲା ବିଜେଡିର ପ୍ରଚାର କାର୍ଯ୍ୟାଳୟ



**ଚମ୍ପୁଆ,୧୮।୫(ସମିସ):** ଆଜି ବିଜୁ ଜନତା ଦଳପକ୍ଷରୁ ଚମ୍ପୁଆ ସଦର ମହକୁମାରେ ନିଜର ମୁଖ୍ୟ ପ୍ରଚାର କାର୍ଯ୍ୟାଳୟ ଉଦ୍‌ଘାଟନ କରାଯାଇଛି। ୨୦୨୪ ସାଧାରଣ ନିର୍ବାଚନ ନିମନ୍ତେ ବିଭିନ୍ନ ଦଳ ଗୁଡିକ ନିଜର ପ୍ରଚାର ଅଭିଯାନକୁ ଦମଦାର କରିବା ସହିତ ବୁଥସ୍ତରରେ ଭୋଟରମାନଙ୍କ ପାଖକୁ ପହଞ୍ଚିବା ଆରମ୍ଭ କଲେଣି। ସ୍ଥାନିୟ ବିଜେଡି ଯୁବ ନେତା ତଥା ବିଜ୍ଞପିତ ଅଞ୍ଚଳ ପରିଷଦ ଚମ୍ପୁଆର ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ ଓ ସୁମିତ୍ରା ବେହେରା ପ୍ରଚାର କାର୍ଯ୍ୟାଳୟକୁ ଉଦଘାଟନ କରିଥିଲେ। ପ୍ରାୟ ଶତାଧିକ ମହିଳା ଓ ପୁରୁଷ କର୍ମୀ ଏହ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଉଦଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସୁବାସ ରାମ, ଶୁକାନ୍ତ ନନ୍ଦ, ମାନସ ସାହୁ, ବିଶ୍ୱ ମହାପାତ୍ର, ଏମଡି ମୁଜାହିଦ, ଏମ୍‌ଡି ପପୁ ସମେତ ସମସ୍ତ କାଉଁସିଲର ଯୋଗ ଦେଇଥିଲେ।

## ବିଜେପି ପ୍ରାର୍ଥୀଙ୍କ ପ୍ରଚାର

**ସୋସୋ,୧୮।୫(ସମିସ):** ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ବିଜେପି ସାଂସଦ ପ୍ରାର୍ଥୀ ଅନନ୍ତ ନାଏକ ଓ ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ ଆଜି ୩୪ ନଂ. ଜୋନରେ ପ୍ରଚାର କରିଛନ୍ତି। ଆଜି କାନପୁର ଶିବ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ କାନପୁର ଗାଁ ଭିତରେ ପଶି ଭୋଟରଙ୍କୁ ଭୋଟ ଭିକ୍ଷା କରିଥିଲେ। ପରେ ସୋସୋ ପଞ୍ଚାୟତର ସୋସୋ, ବେଲମଳା, ବେରୁଣପଦି, ବାଲିବରେଇ, ହଦଗଡ, ବାଙ୍ଗୋର, ପଢୀଆରିପଲ୍ଲି, ଧନୁର୍ଜୟପୁର, କେ.ବାଲିପାଳି ଆଦି ବିଭିନ୍ନ ଗାଁକୁ ବାଇକ୍ ରାଲି କରି ପ୍ରଚାର କରିଥିଲେ। ରାଇଘାଟି ଠାରେ କର୍ମୀମାନେ ଏକଜୁଟ ହୋଇ ଏକ ପଥପ୍ରାନ୍ତ ସଭା କରିଥିଲେ। ଏହି ସମୟରେ ପୂର୍ବତନ ସମିତି ସଭ୍ୟ ବିବେକାନନ୍ଦ ରାଉତ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ଟିକି କିସ୍କୁ, ଜ୍ଞାନ ରଞ୍ଜନ ସାମନ୍ତ ସିଂହାର, ଯୁଧିଷ୍ଠିର ମଲ୍ଲିକ, ପ୍ରଶାନ୍ତ ସେଣ ପ୍ରମୁଖ ସାମିଲ ହୋଇଥିଲେ।

## ବିଜେଡି ମିଶିଲେ କଂଗ୍ରେସର ପୂର୍ବତନ ବିଧାୟକ ପ୍ରାର୍ଥୀ



**କେନ୍ଦୁଝର,୧୮।୫(ସମିସ):** କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀରେ ୨୦୧୯ ମସିହାରେ ଭାରତୀୟ ଜାତୀୟ କଂଗ୍ରେସ ଦଳର ପ୍ରାର୍ଥୀ ହୋଇଥିବା ବିଦ୍ୟାଧର ଦେହୁରୀ ଶନିବାର ଅପରାହ୍ନରେ କେନ୍ଦୁଝର ସଦର ବ୍ଲକର ଭାଟୁଣିଆ ଠାରେ ଏକ ବିଶାଳ ମିଶ୍ରଣ ସଭାରେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଏଥିସହ ତାଙ୍କର ଶତାଧିକ ସମର୍ଥକ ମଧ୍ୟ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ଆୟୋଜିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ବିଜୁ ଯୁବ ଜନତାଦଳ ଉପସଭାପତି ସୌମ୍ୟଶଙ୍କର ଚକ୍ର, ଜିଲ୍ଲା ପରିଷଦ ସଦସ୍ୟ ଆଶିଷ ଚକ୍ରବର୍ତ୍ତୀ, କେନ୍ଦୁଝର ଜିଲ୍ଲା ଶବର ସମାଜ ସଭାପତି ଇନ୍ଦ୍ରମଣୀ ଦେହୁରୀ, ୫ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ରଥ ମୁଣ୍ଡା, ପଦ୍ମପୁର ସମିତି ସଭ୍ୟ ଚପଳା ସାମଲ, ବରିଷ୍ଠ ଶବର ନେତା ଦୁର୍ଯ୍ୟୋଧନ ନାୟକ, ଅୟସକାନ୍ତି ପଟ୍ଟନାୟକଙ୍କ ସମେତ ବହୁ ନେତା ମଞ୍ଚାସୀନ ଥିଲେ। ଏହି ଅବସରରେ ବରିଷ୍ଠ କଂଗ୍ରେସ ନେତା ବିଦ୍ୟାଧର ଦେହୁରୀ ନିଜ ବକ୍ତବ୍ୟରେ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟ ଶାସନ, ଗାଁକୁ କାମ ଓ ମା'କୁ ସମ୍ମାନ ସହ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହୋଇଥିବ ବିକାଶମୂଳକ କାର୍ଯ୍ୟକ୍ରମ ପ୍ରତି ଆକର୍ଷିତ ହୋଇ ସେ ବିଜେଡିରେ ଯୋଗ ଦେଇଛନ୍ତି ବୋଲି ପ୍ରକାଶ କରିଥିଲେ। କେନ୍ଦୁଝର ସଦର ମହକୁମାରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା, ଧରଣୀଧର ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ, ବିଭିନ୍ନ ମଠ, ମନ୍ଦିର, ଶାଳ, ଉପାସନା ପୀଠକୁ ଉନ୍ନତି କରିବା ସହ ମୌଳିକ ସମସ୍ୟାର ସମାଧାନ ମୁଖ୍ୟମନ୍ତ୍ରୀ କରିଛନ୍ତି ବୋଲି ସେ କହିଛନ୍ତି।

### ଫଳକ ଅଛି ପାଣି ମିଳୁନି

## ରାସ୍ତାରେ ଗରା ବାଲ୍‌ଟି ରଖି ଅବରୋଧ

**ତୁରୁମୁଙ୍ଗା,୧୮।୫(ସମିସ)**



ଗାଁରେ ନା ଅଛି ପାଣି ଟାଙ୍କି ନା ଲାଗିଛି ପାଇପ୍। ଫଳରେ ପାନୀୟ ଜଳ ପାଇଁ ଗାଁରେ ବସବାସ କରୁଥିବା ୧୦୦ରୁ ଉଦ୍ଧ୍ୱର୍ ପରିବାର ହଇରାଣ ହେଉଛନ୍ତି। ଫଳରେ ଗାଁର ମହିଳାମାନେ ରାସ୍ତା ଉପରେ ଗରା ବାଲ୍‌ଟି ରଖି ପାଟଣା ଚମ୍ପୁଆ ରାସ୍ତାକୁ ରାଇକଳା ନିକଟରେ ଅବରୋଧ କରିଥିଲେ। ପାଟଣା ବ୍ଲକ ରାଜନଗର ପଞ୍ଚାୟତର ରାଇକଳା ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ତଞ୍ଚକତା କରି ଗାଁରେ ପାନୀୟ ଜଳ ଯୋଗାଣ ହେଉଥିବା ନେଇ ଫଳକ ଲଗାଯାଇଛି। ଏହାର ତଦନ୍ତ କରିବା ସହ ତୁରନ୍ତ ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ରାସ୍ତା ଅବରୋଧ କରିଛନ୍ତି ଗ୍ରାମବାସୀ। ପରିତ୍ୟକ୍ତ ସ୍ଥାନରେ ପଞ୍ଚାୟତିରାଜ୍ ଓ ପାନୀୟ ଜଳ ବିଭାଗ ଓଡିଶା ସରକାରଙ୍କ ପକ୍ଷରୁ ଏହି ଫଳକ ଦୀର୍ଘ ଦିନଧରି ଲାଗି ଥିବା ବେଳେ ଉକ୍ତ ଜାଗାକୁ ଆଜି ଗ୍ରାମବାସୀ ସଫେଇ କରିବା ସମୟରେ ଏହି ଫଳକ ଲାଗିଥିବା ଦେଖିବାକୁ ପାଇବାରୁ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି ପାନୀୟ ଜଳ ଯୋଗାଣରେ ପାଣି ଟାଙ୍କି ଓ ପାଇପ୍ ବିଛା ଯାଇନଥିବା ବେଳେ କିଏ ଏହି ଫଳକ ଲଗାଇଲା ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଗ୍ରାମବାସୀ। ରାସ୍ତା ଅବରୋଧ ସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରିଛନ୍ତି। ସମସ୍ୟା ସମାଧାନ ନହେଲେ ଭୋଟ ବର୍ଜନ କରିବେ ବୋଲି ରାଜନଗର ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଘନଶ୍ୟାମ ମିଶ୍ର, କନକଲତା ମହାନ୍ତି, ଭଗବତୀ ଦେହୁରୀ, ମଧ୍ୟ ଚେତାବନୀ ଦେଇଛନ୍ତି ଗ୍ରାମ। ଘଟଣାସ୍ଥଳରେ ତୁରୁମୁଙ୍ଗା ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା।

